


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୩ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 03 FEBRUARY 2025

Vol.No. 36 ■ No.32 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆକ୍ସନରେ ଆମେରିକା ରାଷ୍ଟ୍ରପତି

## ଚୀନ ଉପରେ ଟାରିଫ୍ ଲାଗୁ ପରେ ଚିହିଁକି ଉଠିଲା ଡ୍ରାଗନ



ନୂଆଦିଲ୍ଲୀ, ୨/୨ : ଆଜିଠୁ ଚୀନ, କାନାଡ଼ା ଓ ମେକ୍ସିକୋ ଉପରେ ଟାରିଫ ଲଗାଇଲା ଆମେରିକା । ଏନେଇ ହ୍ୱାଇଟହାଉସ ପକ୍ଷରୁ ଔପଚାରିକ ଘୋଷଣା କରାଯାଇଛି । ନୂଆ କଟକଣା ଅନୁସାରେ ଚୀନ ଉପରେ ୧୦%, ମେକ୍ସିକୋ ଓ କାନାଡା ଉପରେ ୨୫% ଲଗାଯାଇଛି । ଆମେରିକା ରାଷ୍ଟ୍ରପତି ହେବା ପରେ ଟାରିଫ ଲଗାଯିବା ନେଇ ଘୋଷଣା କରି ତିନୋଟି ଦେଶକୁ ଝଟକା ଦେଇଲେ ଟ୍ରମ୍ପ । ଶପଥ ନେବା ସମୟରେ ଟ୍ରମ୍ପ କହିଥିଲେ ଚୀନ, କାନାଡ଼ା, ମେକ୍ସିକୋରୁ ବହୁଳ ମାତ୍ରାରେ ମାଦକଦ୍ରବ ଆମେରିକାକୁ ଆସୁଛି ଓ ଏହା ଯୋଗୁଁ ହଜାର ସଂଖ୍ୟକ ଲୋକଙ୍କ ଜୀବନ ଯାଉଛି । ଏମାନଙ୍କ ସହ ଆମେରିକାର ବାଣିଜ୍ୟକ ସର୍ମ୍ପକରେ ବିଶେଷ କିଛି ଫାଇଦା ହେଉନି ତେଣୁ ଟାରିଫ ଲଗାବାକୁ ପଡୁଛି । ଟ୍ରମ୍ପଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ: ଆକ୍ସନରେ ଆସିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାକୁ କଡ଼ା ନିର୍ଦ୍ଦେଶ । ନୂଆ ନୂଆ କଟକଣା ଲାଗୁ କରୁଛନ୍ତି ଟ୍ରମ୍ପ ପ୍ରଶାସନ । ଚୀନ ଉପରେ ଟାରିଫ୍ ଲାଗୁ କଲେ ଡୋନାଲ୍ଡ ଟ୍ରମ୍ପ । ଚୀନ, କାନାଡ଼ା ଓ ମେକ୍ସିକୋ ଉପରେ ଟାରିଫ ଲଗାଇଲା ଆମେରିକା । ନୂଆ କଟକଣା ଅନୁସାରେ ଚୀନ ଉପରେ ୧୦% ଟାରିଫ୍ ଲଗାଯାଇଛି । ମେକ୍ସିକୋ ଓ କାନାଡା ଉପରେ ୨୫% ଟାରିଫ୍ ଲଗାଯାଇଛି । ନିଶା ପଦାର୍ଥ ଆସୁଥିବା ଅଭିଯୋଗରେ ଲଗାଯାଇଛି ଟାରିଫ୍ ।

# ସରିଲା ଅପେକ୍ଷା: ୮ରେ ପୁଣି ବଣ୍ଟାଯିବ ସୁଭଦ୍ରା ଟଙ୍କା





ଭୁବନେଶ୍ୱର, ୨/୨(ନି.ପ୍ର) : ମହିଳାମାନଙ୍କ ପାଇଁ ଖୁସି ଖବର । ଆସନ୍ତା ୮ ତାରିଖରେ ପୁଣି ମିଳିବାକୁ ଯାଉଛି 'ସୁଭଦ୍ରା' ଟଙ୍କା । ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ଯାଜପୁରରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଞ୍ଚରୁ ପଠାଇବେ ରାଜ୍ୟ ସରକାର । ସେଥିପାଇଁ ବ୍ୟାସନଗର ଚାନ୍ଦମା ପଡ଼ିଆରେ ଆରମ୍ଭ ହୋଇଗଲାଣି ପ୍ରସ୍ତୁତି । ତେବେ ତା'ପୂର୍ବରୁ ଏନପିସିଆଇ ସମସ୍ୟା ଥିବା ଆବେଦନକାରୀଙ୍କୁ ବ୍ୟାଙ୍କ ଯାଇ ସମସ୍ୟା ଦୂର କରିବାକୁ ପୁଣିଥରେ ଅପିଲ୍ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ସେ କହିଛନ୍ତି, ଆସନ୍ତାକାଲି ସୋମବାର ଓ ମଙ୍ଗଳବାର ବ୍ୟାଙ୍କକୁ ଯାଇ ଏନପିସିଆଇ ଚେକ୍ କରିପାରିବେ । କାରଣ ଏବେ ମଧ୍ୟ ଅଢେଇ ଲକ୍ଷ ଆବେଦନକାରୀଙ୍କ ଏନପିସିଆଇ ସମସ୍ୟା ଅଛି । ସେହିପରି ଲକ୍ଷେରୁ ଅଧିକ ଆବେଦନକାରୀଙ୍କ କେୱାଇସି ଅପଡେଟ୍ ହୋଇନି । ବ୍ୟାଙ୍କକୁ ଯାଇ ଏହାର ସମାଧାନ କରିଦେଲେ ଚତୁର୍ଥ ପର୍ଯ୍ୟାୟରେ ସେମାନେ ସାମିଲ ହୋଇପାରିବେ ବୋଲି ପ୍ରଭାତୀ କହିଛନ୍ତି । ଚତୁର୍ଥ ପର୍ଯ୍ୟାୟ ଟଙ୍କା ପଠାଯିବା ପରେ ମୋଟ୍ ହିତାଧିକାରୀଙ୍କ ସଂଖ୍ୟା କୋଟିଏ ଟପିପାରେ । ତେବେ ଫେବ୍ରୁୟାରୀରେ ଯଦି କିଏ ସହାୟତା ପାଇବାରୁ ବଞ୍ଚିତ ବି ହୁଅନ୍ତି, ମାର୍ଚ୍ଚ ୮ ସୁଦ୍ଧା ଯାଞ୍ଚ କରି ତଥ୍ୟ ଦାଖଲ ପରେ ଟଙ୍କା ପାଇପାରିବେ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି । ସେପଟେ ସୁଭଦ୍ରାରେ ସାମିଲ ହେବା ପାଇଁ କିଏ ▶▶ପୃଷ୍ଠା ୭

### ଜମି ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର: ୩ ଜଣ ଅଟକ

ବାରିପଦା, ୨/୨ (ନି.ପ୍ର): ଜମିବାଡ଼ିକୁ କେନ୍ଦ୍ର କରି ହତ୍ୟାକାଣ୍ଡ । ଆଜି ୫ ଦିନ ପରେ ଜମି ବ୍ୟବସାୟୀଙ୍କ ମୃତଦେହକୁ ଉଦ୍ଧାର କଲା ମୟୂରଭଂଜ ଜିଲ୍ଲା ଭଞ୍ଜପୁର ଥାନା ପୁଲିସ । ମୃତକ ଜଣଙ୍କ ହେଉଛନ୍ତି ବାରିପଦା ସହର ୧୯ ନମ୍ବର ୱାର୍ଡ ବଡ଼େଇସାହି ଅଞ୍ଚଳର ସାଲଖୁ ମାରାଣ୍ଡି । ବେତନଟୀ ଥାନା କେ.ସି ପୁର ଫାଣ୍ଡି ଅଧିନସ୍ଥ ଜାମଶୋଳି ଜଙ୍ଗଲ ସୁବର୍ଣ୍ଣରେଖା କେନାଲ ନିକଟରୁ ମୃତଦେହକୁ ଉଦ୍ଧାର କରିଛି ପୁଲିସ ।

# ଓଡ଼ିଆ ବର୍ଣ୍ଣବୋଧର ଶୋଭନ ସଂସ୍କରଣ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨/୨(ନି.ପ୍ର) : ଭକ୍ତ କବି ମଧୁସୂଦନ ରାଓଙ୍କ ପୁଣ୍ୟ ଜନ୍ମତିଥି ଅବସରରେ ତାଙ୍କ ରଚିତ ବର୍ଣ୍ଣବୋଧର ଅବିକଳ ଶୋଭନ ସଂସ୍କରଣ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ବର୍ଣ୍ଣବୋଧର ନୂଆ ଶୋଭନ ସଂସ୍କରଣକୁ ଲୋକାର୍ପଣ କରିଛନ୍ତି । ଏହା ସହ ଓଡ଼ିଆ ବର୍ଣ୍ଣବୋଧ ଡିଜିଟାଲ ସଂସ୍କରଣକୁ ମଧ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ମା ମାତୃଭୂମି, ମାତୃଭାଷା ସବୁଠୁ ବଡ ପରିଚୟ । ଏହାକୁ ଯିଏ ହତାଦର କରେ ସେ ମନୁଷ୍ୟ ପଦବାଚ୍ୟ ନୁହେଁ । ମାଆ, ମାତୃଭୂମି, ▶▶ପୃଷ୍ଠା ୭

# ରେକର୍ଡ ଭାଙ୍ଗୁଛି ମାଘମାସର ତାତି: ଫେବୃଆରି ପ୍ରଥମ ସପ୍ତାହରୁ ୩୫ ଡିଗ୍ରୀ ପାର୍



ଭୁବନେଶ୍ୱର, ୨/୨(ନି.ପ୍ର) : ବହିରେ ରହିଗଲାଣି ମାଘର ବାଘ ଭଳିଆ ଶୀତ । ଏବେ ମାଘ ମାସରେ ଅନୁଭୂତ ହେଉଛି ଅସହ୍ୟ ଗରମ । ଟାଣ ଖରା ସାଙ୍ଗକୁ ଗୁଳୁଗୁଳି ବି ବଢ଼ିଲାଣି । ଆଗକୁ ଏହି ତାତି ଆହୁରି ବଢ଼ିବ ବୋଲି କୁହାଯାଉଛି । ଯାହାକି ଚିନ୍ତାର କାରଣ ପାଲଟିଛି । ଜାନୁଆରୀ ଶେଷ ସପ୍ତାହରୁ ଶୀତ କୁଆଡେ ଗାଏବ ହୋଇଯାଇଛି । ବଢ଼ି ଭୋରରୁ ଘନ କୁହୁଡି, ଦିନ ସମୟରେ ଟାଇଁ ଟାଇଁ ଖରା ଅସ୍ତବ୍ୟସ୍ତ କଲାଣି । ପାଣିପାଗ ବିଭାଗର ତଥ୍ୟ ଅନୁସାରେ ଗତ ୨୪ ଘଣ୍ଟାରେ ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୫. ୬ ଡିଗ୍ରି ରେକର୍ଡ ହୋଇଛି । ଝାରସୁଗୁଡ଼ା ତାପମାତ୍ରା ୩୫.୨, ବଲାଙ୍ଗିରରେ ୩୫, ସମ୍ବଲପୁରରେ ୩୪. ୭, ଭବାନୀପାଟଣାରେ ୩୪ ଡିଗ୍ରି ରହିଥିଲା । ଆଜି ଭୁବନେଶ୍ୱରର ତାପମାତ୍ରା ୩୪ ଡିଗ୍ରି ଉପରେ ରହିଛି । ତେବେ ପୂର୍ବରୁ ଫେବ୍ରୁଆରୀ ପ୍ରଥମ ସପ୍ତାହରୁ ଏଭଳି ତାତି କେବେ ରେକର୍ଡ ହୋଇନଥିଲା ବୋଲି କୁହାଯାଉଛି । ପାଣିପାଗ ବିଶେଷଜ୍ଞ କହିବା ଅନୁସାରେ ସାଧାରଣତଃ ଫେବ୍ରୁଆରି ତୃତୀୟ ସପ୍ତାହ ପରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଥାଏ । କିନ୍ତୁ ଚଳିତଥର ଜାନୁଆରି ଶେଷ ସପ୍ତାହରୁ ହିଁ ତାତି ଚିନ୍ତା ବଢ଼ାଇଛି । ▶▶ପୃଷ୍ଠା ୭

# ନାକ୍ ରେଟିଂ କେଲେଙ୍କାରୀ: ୧୦ ଜଣଙ୍କୁ ବାନ୍ଧିଲା ସିବିଆଇ

ସମ୍ବଲପୁର , ୨/୨ (ନି.ପ୍ର): ବିଶ୍ୱବିଦ୍ୟାଳୟକୁ ନାକ୍ ମାନ୍ୟତା ପାଇଁ ଲାଞ୍ଚ ନେବା ମାମଲାରେ ଘାଣ୍ଟିଛି ସିବିଆଇ । ଓଡ଼ିଶା ସମେତ ଦେଶର ୧୦ଟି ସ୍ଥାନରେ ସିବିଆଇ ରେଡ୍ କରିଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସରଙ୍କ ସହ ୧୦ ଜଣଙ୍କୁ ବାନ୍ଧିଛି । ନାକ୍ ରେଟିଂ ଦେବା ପାଇଁ ବଡ଼ଧରଣର ଲାଞ୍ଚ କାରବାର ହୋଇଥିବା ଜାଣିବାକୁ ପାଇଛି ତଦନ୍ତକାରୀ ସଂସ୍ଥା । ନାକ୍ ମାନ୍ୟତା ପାଇଁ ଲାଞ୍ଚ ନେବା ମାମଲାରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଛାପା ମାରିଛି ସିବିଆଇ । ଓଡ଼ିଶା ସମେତ ଚେନ୍ନାଇ, ବାଙ୍ଗାଲୋର, ବିଜୟୱାଡା, ସମ୍ବଲପୁର, ପାଲମୁ, ଭୋପାଳ, ଦିଲ୍ଲୀ ଆଦି ଅଞ୍ଚଳରେ ରେଡ୍ ହୋଇଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ବୁଲୁ ମହାରଣାଙ୍କୁ ବାନ୍ଧିଛି ସିବିଆଇ । ଆନ୍ଧ୍ର ପ୍ରଦେଶ ଗୁଣ୍ଟୁରର ଏକ ଶିକ୍ଷାନୁଷ୍ଠାନର ରେଟିଂ ବଢ଼ାଇବା ପାଇଁ ବଡ଼ଧରଣର ଲାଞ୍ଚ କାରବାର ହୋଇଥିବା ଅଭିଯୋଗ ରହିଛି । ସେହି ଅଭିଯୋଗ ଆଧାରରେ ଦେଶର ୧୦ଟି ବିଶ୍ୱବିଦ୍ୟାଳୟରେ ଛାନ୍‌ଭିନ୍ କରିଛନ୍ତି ସିବିଆଇ ଅଧିକାରୀ ।

# ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଗଠନ କଲା ଇଗଲ ଟିମ

ନୂଆଦିଲ୍ଲୀ, ୨/୨ : ନିର୍ବାଚନ କମିଶନ ଦ୍ୱାରା ପରିଚାଳିତ ନିର୍ବାଚନର ତଦାରଖ ପାଇଁ କଂଗ୍ରେସ ଏକ କମିଟି ଗଠନ କରିଛି । କଂଗ୍ରେସ ଦଳ ରବିବାର ଦିନ ଈଏଖର (ନେତା ଏବଂ ବିଶେଷଜ୍ଞମାନଙ୍କର କ୍ଷମତାପ୍ରାପ୍ତ କାର୍ଯ୍ୟ ଗୋଷ୍ଠୀ) କମିଟି ଘୋଷଣା କରିଛି । ଇଗଲ୍ କମିଟି ପ୍ରଥମେ ମହାରାଷ୍ଟ୍ର ଭୋଟର ତାଲିକା ପ୍ରସଙ୍ଗର ତଦନ୍ତ କରିବ ଏବଂ କଂଗ୍ରେସ ନେତୃତ୍ୱକୁ ▶▶ପୃଷ୍ଠା ୭

# ଗୌହାଟୀରେ ନେତାଙ୍କ ମେଳି: ସାମାଜିକ କାର୍ଯ୍ୟକ୍ରମରେ ଏକାଠି ହେଲେ ବରିଷ୍ଠ ନେତା



ଭୁବନେଶ୍ୱର, ୨/୨(ନି.ପ୍ର) : ସାମାଜିକ କାର୍ଯ୍ୟକ୍ରମର ନେତାଙ୍କ ମେଳି । ଆସାମର ଗୌହାଟୀରେ ଏକ କାର୍ଯ୍ୟକ୍ରମରେ ଓଡ଼ିଶା ନେତାଙ୍କ ମେଳି ଦେଖିବାକୁ ମିଳିଥିଲା । ଏଥିରେ ବରିଷ୍ଠ ନେତା ପ୍ରଭାତ ତ୍ରିପାଠୀ, ସଞ୍ଜୟ ଦାସବର୍ମା, ସମ୍ବିତ ରାଉତରାୟ, ଅତନୁ ସବ୍ୟସାଚୀ ଥିଲେ । ଏହି ଅବସରରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ମଧ ଦେଖିବାକୁ ମିଳିଥିଲା । ବିଜୟ ମହାପାତ୍ରଙ୍କ ଉପସ୍ଥିତି ହିଁ ଏହି ଚର୍ଚ୍ଚାକୁ ଅଧିକ ଖୋରାକ୍ ଯୋଗାଉଛି । କାରଣ ଉପସ୍ଥିତ ଥିବା ନେତାମାନଙ୍କ ମଧ୍ୟରୁ ଅଧିକାଂଶ ଏକଦା ବିଜୟ ମହାପାତ୍ରଙ୍କ ଘନିଷ୍ଠ ସହଯୋଗୀ ଥିଲେ । ବିଜେଡି ରାଜ୍ୟରେ କ୍ଷମତାରୁ ହଟିଛି । ଆଗକୁ ବିଜେଡିର ସାଂଗଠନିକ ନିର୍ବାଚନ ହେବାକୁ ଯାଉଛି । ଠିକ୍ ଏହି ସମୟରେ ନେତାମାନେ ଏକାଠି ହୋଇଛନ୍ତି । ତେବେ ସେଠାରେ କ'ଣ ଆଲୋଚନା ହୋଇଥିଲା ତାହା ସ୍ପଷ୍ଟ ହୋଇନାହିଁ । ଅନେକଙ୍କ ମନରେ ପ୍ରଶ୍ନ, ଏହା ଦଳ ବିଜେଡି ସୁପ୍ରିମୋଙ୍କ ବିରୋଧରେ ମେଳି ନୁହେଁ ତ ? ଏହି ଅବସରରେ ବିଜେପି ନେତା ପ୍ରଶାନ୍ତ ଜଗଦେବ ଏବଂ ବିଷ୍ଣୁ ଦାସଙ୍କୁ ମଧ ଦେଖିବାକୁ ମିଳିଥିଲା । ▶▶ପୃଷ୍ଠା ୭

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ତିନିଦିନିଆ ଆନ୍ତର୍ଜାତୀୟ ସଂସ୍କୃତି ଉତ୍ସବ 'ଉନୁରୁମ' ହେଲା ଉଦ୍‌ଯାପିତ : ଆସାମ ଓ ଓଡିଶାର ଗାଳ୍ପିକ ପଢିଲେ ଲୋକକାହାଣୀ



ବାଲେଶ୍ୱର, ୨/୨ (ନି.ପ୍ର): ଆନ୍ତର୍ଜାତିକ ସାଂସ୍କୃତିକ ଉତ୍ସବ 'ଉନୁରୁମ'ର ଶେଷ ଦିବସ ପାଳନ ସହ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏହି ତିନିଦିନିଆ ମହାଉତ୍ସବ ସଫଳତାର ସହ ଉଦଯାପିତ ହୋଇଯାଇଛି । ଚଳିତ ମାସ ୨୯ ତାରିଖରୁ ଆରମ୍ଭ ହୋଇ ୩୧ ପର୍ଯ୍ୟନ୍ତ ପାଳିତ ହୋଇଥିବା ଅନନ୍ୟ ଆନ୍ତର୍ଜାତିକ 'ଉନୁରୁମ' ଉତ୍ସବ ଫକୀରମୋହନ ବିଶ୍ୱବିଦ୍ୟାଳୟର ଏକ ଅନନ୍ୟ ପ୍ରୟାସ ଯାହା କ୍ୟାମ୍ପସରେ ଭିନ୍ନ ଧରଣର ସାଂସ୍କୃତିକ ପରିବେଶ ତିଆରି କରିଥିଲା । ଏହି ତିନିଦିନ ଲୋକସଂସ୍କୃତି, ଲୋକକଳା ଓ ଲୋକନୃତ୍ୟ ସମ୍ଭାରର ସମିଶ୍ରଣ ଘଟିଥିଲା । ଉନୁରୁମର ତୃତୀୟ ସଂସ୍କରଣର ତୃତୀୟ ତଥା ଅନ୍ତିମ ଦିନରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ 'କାହାଣୀ ଉତ୍ସବ' ଆୟୋଜିତ ହୋଇଥିଲା । ଏଥିରେ ଓଡିଶା ଓ ଆସାମର ୯ ଜଣ ବିଶିଷ୍ଟ କଥାକାର ଓ ଗାଳ୍ପିକ ଯୋଗ ଦେଇ ସ୍ୱରଚିତ ଲୋକଗଳ୍ପ ପଠନ କରିଥିଲେ । କାହାଣୀକାର ଉଦୟ ନାରାୟଣ ଦାସ, ଡକ୍ଟର କବିତା ବାରିକ, ନିରଞ୍ଜନ ଖୁଣ୍ଟିଆ, ଡକ୍ଟର ବର୍ଣ୍ଣାଳୀ ଡେକା, ଡକ୍ଟର ଭାଗବତ ଦାସ, ରବି ପଣ୍ଡା, ଡକ୍ଟର ଶିରୀଶ ଚନ୍ଦ୍ର ଜେନା, ସୈରିନ୍ଧ୍ରୀ ସାହୁ, ହେମେନ୍ଦ୍ର ମହାପାତ୍ର ପ୍ରମୁଖ ଏଥିରେ ଯୋଗ ଦେଇ ଲୋକକଥା, ଜନଜାତିଙ୍କ କାହାଣୀ ଓ ପୁରାତନ ଲୋକକାହାଣୀକୁ ଭିତ୍ତି କରି ଭିନ୍ନ ସ୍ୱାଦର ଗଳ୍ପ ପରିବେଷଣ କରିଥିଲେ । ଏହି ଅବସରରେ କୁଳପତି ଆମନ୍ତ୍ରିତ ଗାଳ୍ପିକ ଗଣଙ୍କୁ ସମ୍ମାନିତ କରିବା ସହ ଗଳ୍ପ ଲେଖିବା ଓ କହି ଶୁଣାଇବା ଆମ ସଂସ୍କୃତିର ଏକ ଅଂଶ ବୋଲି ଉଲ୍ଲେଖ କହିଥିଲେ । ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର କାହାଣୀ ଉତ୍ସବର ସଂଚାଳନ କରିବା ସହ ନିଜ ଲିଖିତ ଗଳ୍ପ ପାଠ କରିଥିଲେ । ସନ୍ଧ୍ୟାକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଉଦଯାପନୀ ସମାରୋହରେ କେନ୍ଦୁଝରରୁ ଆସିଥିବା ଅଲେଖ ମହିମା ଖଞ୍ଜଣୀ ଦଳର କଳାକାରଙ୍କ ଦ୍ୱାରା ▶▶ପୃଷ୍ଠା ୭

# ଓଡ଼ିଶାର ଦାବିକୁ ମିଳିଲାନି ଗୁରୁତ୍ୱ: କେନ୍ଦ୍ରୀୟ ଯୋଜନା ଉପରେ ଭରସା



ଭୁବନେଶ୍ୱର, ୨/୨(ନି.ପ୍ର) : ଡବଲ ଇଞ୍ଜିନ ସରକାର ଯୋଗୁ ଓଡ଼ିଶାବାସୀ କେନ୍ଦ୍ରୀୟ ବଜେଟରେ ଯେଉଁ ଆଶା ରଖିଥିଲେ ତାହା ମଉଳି ଯାଇଛି । ରାଜ୍ୟର ବିକାଶ ପାଇଁ ଓଡ଼ିଶା କରିଥିବା ଦାବିକୁ ଅଣଦେଖା କରାଯାଇଛି । ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ୧୦,୦୦୦ କୋଟିର ସ୍ୱତନ୍ତ୍ର ପ୍ୟାକେଜ୍, ଗୋପାଳପୁରରେ ଲୁଣଖଳା, ଝାରସୁଗୁଡ଼ାରେ ନୂଆ ଟାଉନସିପ୍ ଭଳି ରାଜ୍ୟର ସ୍ୱତନ୍ତ୍ର ଦାବିକୁ କେନ୍ଦ୍ରର ବିଜେପି ସରକାର ଗୁରୁତ୍ୱ ଦେଇନାହିଁ । ଯାହାକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ରାଜନୈତିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବଜେଟ କରାଯାଇଥିବା କହିଛି ବିଜେଡି । କଂଗ୍ରେସ କହିଛି ବଜେଟରେ ଓଡ଼ିଶା ପାଇଁ କିଛି ନାହିଁ । ବିରୋଧୀଙ୍କ ଏଭଳି ଅଭିଯୋଗ ଭିତରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଓଡ଼ିଶାକୁ ଗତଥର ▶▶ପୃଷ୍ଠା ୭

# ଢିପାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାରିପଦା , ୨/୨ (ନି.ପ୍ର): ସ୍ଥାନୀୟ ୧୧ ନଂ ୱାର୍ଡସ୍ଥିତ ଢିପାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରମଣି ମିଶ୍ରଙ୍କ ସଭାପତିତ୍ୱରେ ଏକ ଭବ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ବାରିପଦା ଗୋଷ୍ଠୀ ଶିକ୍ଷାଅଧିକାରୀ ନଳିନୀକାନ୍ତ ପ୍ରଧାନଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ଉତ୍ସବରେ ନହରପଦା କ୍ଲଷ୍ଟରର ସି.ଆର.ସି.ସି. କନକଲତା ମାଝୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପ୍ରାଥମିକ ଶିକ୍ଷାର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମର ଉପଯୋଗିତା ଅଛି ବୋଲି ବର୍ଣ୍ଣନା କରିଥିଲେ । ରାଜ୍ୟ ତଥା ଜାତୀୟ ପୁରସ୍କାର ଲାଭ କରିଥିବା ଅବସରପ୍ରାପ୍ତ ଶିକ୍ଷକ ଭାଗବତ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପ୍ରାଥମିକ ଶିକ୍ଷା ହିଁ ଜୀବନର ମୂଳଦୁଆ । ଏହା ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଭଲ ମଣିଷ ହେବା ପାଇଁ ଖୋରାକ ଯୋଗାଇଥାଏ ବୋଲି କହିବା ସହିତ ନିଜର ପିତା, ମାତା ଓ ଗୁରୁଙ୍କ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କଲେ ପିଲାମାନେ ନିଜ ଜୀବନକୁ ସାର୍ଥକ କରିପାରିବେ ବୋଲି ଉଲ୍ଲେଖ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କିରଣ ସାହୁଙ୍କ ସମେତ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ନିରୁପମା ବେହେରା, ଶାନ୍ତିଲତା ମହାପାତ୍ର ଓ ପୂର୍ବତନ ପ୍ରଧାନଶିକ୍ଷକ ସରୋଜ ବାସିନୀ ପଟ୍ଟନାୟକ ପ୍ରମୁଖ ମଧ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ଉପ-ସଭପତି ସେକ୍ ରାଜୁଦ୍ଦିନ, ସଦସ୍ୟ ସୁବ୍ରତ ଦାସ, ପାୟଲ ଦେ, ଲକ୍ଷ୍ମୀ ରାମ, ମନୋଜ କୁମାର ବେହେରା ପ୍ରମୁଖଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ପ୍ରଧାନଶିକ୍ଷକ ଚନ୍ଦ୍ରମଣି ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଧାନଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା, ୨/୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଥାନୁଆଳ ପଂଚାୟତସ୍ଥିତ କଂଟାମାଳିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ସାହୁଙ୍କର ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି ଆର୍ତ୍ତତ୍ରାଣ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରିଣୀ ମମିତା ମହାନ୍ତି ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ସାହୁଙ୍କ ଶିକ୍ଷା ପ୍ରଦାନ ପଦ୍ଧତି ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଓଡିଶା ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଦେବରାଜ ମିଶ୍ର ଯୋଗଦେଇ ଶ୍ରୀମତୀ ସାହୁ ଜଣେ ସମୟାନୁବର୍ତି ଓ ଆଦର୍ଶ ଶିକ୍ଷୟିତ୍ରୀ ଭାବରେ ଧର୍ମଶାଳା ଅଂଚଳରେ ପରିଚିତ ହୋଇପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜୟଦେବ ଜେନା ,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦୁର୍ଯ୍ୟୋଧନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ସୁକଦେବ ପତି,ଯୁଗଳ କିଶୋର ଦାସ,ବ୍ରଜ କିଶୋର ପଣ୍ଡା ,ପ୍ରାଥମିକ ସଂଘ ଧର୍ମଶାଳା ବ୍ଲକ ସମ୍ପାଦକ ଯୋଗଦେଇ ବିଦାୟୀ ଶିକ୍ଷୟତ୍ରୀଙ୍କର ଶିକ୍ଷାଦାନ ସମ୍ପର୍କରେ କରିଥିଲେ । ଶିକ୍ଷକ ନାରାୟଣ କୁମାର ନନ୍ଦ, ରମେଶ ଚନ୍ଦ୍ର ସ୍ୱାଇଁ , ଅଶୋକ ଚନ୍ଦ୍ର ସାହୁ, ଭିକାରୀ ସାମଲ, ବାବାଜୀ ଶତପଥୀ, ହୃଷିକେଶ ସାମଲ, ସୁବାଷ ଚନ୍ଦ୍ର ବେହେରା, ବିଜୟ ସରଣ, ଆଭାରାଣୀ ରାଉତରାୟ , ରୀନା ନାୟକ, ଲକ୍ଷ୍ମୀ ପ୍ରିୟା ଦେହୁରୀ, ଦେବଶ୍ରୀ ରାଜ, ମନୋଜ କୁମାର ରଣା , ଇତିଶ୍ରୀ ରଥ , କନକଲତା ରାଉତ, ଇନ୍ଦିରା ଗାଗରାଇ, ରୋଜାଳିନୀ ମଲ୍ଲିକ, ଲୋପାଲିସା ନାୟକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କର ଗୁଣଗାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀ ଜୟନ୍ତୀ ବିଶ୍ୱାଳ ,ଶୁଭଲକ୍ଷ୍ମୀ ମଲ୍ଲିକ, ସିଆରସିସି ନିବେଦିତା ପରିଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବିଜେପିର ବିକ୍ଷୋଭ ଶୋଭାଯାତ୍ରା

ଜୟପୁର, ୨/୨ (ନି.ପ୍ର): ରାଷ୍ଟ୍ରପତିଙ୍କୁ ଅପମାନିତ କରିଥିବା କଂଗ୍ରେସ ନେତା କ୍ଷମା ମାଗିବା ଦାବିରେ ଜୟପୁର ବିଜେପିର ବିକ୍ଷୋଭ ଶୋଭାଯାତ୍ରା ଆଜି ଅନୁଷ୍ଠିତ ହୋଇଛି । ଜୟପୁର ରଜାନହର ଠାରୁ ଏହି ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ୱେଲକମ ଛକ ଯାଏ ଯାଇଥିଲା । କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ନେତା ରାହୁଲ ଗାନ୍ଧୀ କ୍ଷମା ମାଗିବା ଦାବିରେ ଏହି ବିକ୍ଷୋଭ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ରାଷ୍ଟପତି ଦ୍ରୌପଦୀ ମୁର୍ମୁଙ୍କୁ ଜାଣିଶୁଣି ଅପମାନିତ କରାଯାଉଥିବା ବିଜେପି ଅଭିଯୋଗ କରିଛି । ରାଷ୍ଟ୍ରପତି ହେଉଛନ୍ତି ଜଣେ ଆଦିବାସୀ ମହିଳା ତେଣୁ କଂଗ୍ରେସ ଏହାକୁ ସହ୍ୟ କରିପାରୁ ନାହିଁ ବୋଲି ଅଭିଯୋଗ କରାଯାଇଛି । ଏହି ବିକ୍ଷୋଭ ଶୋଭାଯାତ୍ରାରେ ଗୌତମ ସାମନ୍ତରାୟ, ମିନା ଦାଶ, ସ୍ୱାତି ହୋତା, ରଘୁନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଫେବୃୟାରୀ ୧୪ରୁ ୧୬ ସତ୍ୟବାଦୀ ମହୋତ୍ସବ

ପୁରୀ, ୨/୨ (ନି.ପ୍ର): ଫେବୃୟାରୀ ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପଂଚସଖା ପଡିଆ ଠାରେ ଅନୁଷ୍ଠିତ ହେବ ୮ମ ସତ୍ୟବାଦୀ ମହୋତ୍ସବ। ଏହି ୩ ଦିନିଆ ମହୋତ୍ସବକୁ ଆକର୍ଷଣୀୟ ତଥା ଶୃଙ୍ଖଳାର ସହ ଆୟୋଜନ ପାଇଁ ଏକ ବୈଠକ ଆଜି ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ମହୋତ୍ସବ ଏକ ଆନନ୍ଦ ଓ ଉଲ୍ଲାସର ପର୍ବ ସହ ଭାଇଚାରା ଓ ସଦଭାବନା ସୃଷ୍ଟି କରିବାରେ ସହାୟକ ହେଉଥିବାରୁ ଏହାକୁ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ବିଗତ ୭ ବର୍ଷ ଧରି ଏହା ଆୟୋଜିତ ହୋଇ ଆସୁଛି। ଚଳିତ ବର୍ଷ ଏହାକୁ ଅଧିକ ଆକର୍ଷଣୀୟ କରିବା ସହ ପଂଚସଖାଙ୍କ ପ୍ରତିମୂର୍ତି ନିକଟରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ମାଧ୍ୟମରେ ଜ୍ୟୋତି ଯାତ୍ରା ଅନୁଷ୍ଠିତ ହେବ। ଏଥିରେ ସମସ୍ତେ ଯୋଗଦାନ ପାଇଁ ସେ ଅନୁରୋଧ କରିଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବୈଠକରେ ଅଧକ୍ଷତା କରିବା ସହ ପ୍ରତ୍ୟେକ ବିଭାଗ ମଧ୍ୟରେ ସମନ୍ୱୟ ରଖି ସତ୍ୟବାଦୀ ମହୋତ୍ସବକୁ ଶୃଙ୍ଖଳାର ସହ ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ। ମଂଚ ପ୍ରସ୍ତୁତି, ଉତ୍ସବ ପଡିଆ ସାଜ ସଜ୍ଜା, ମେଳା ଆୟୋଜନ, ରାସ୍ତା ମରାମତି, ବିଦ୍ୟୁତ ଯୋଗାଣ, ଅଗ୍ନିଶମ ବ୍ୟବସ୍ଥା, ପ୍ରଚାର ପ୍ରସାର, ପାର୍କିଂ ବ୍ୟବସ୍ଥା, ଆଇନ ଶୃଙ୍ଖଳା ରକ୍ଷା ଇତ୍ୟାଦି ସମ୍ପର୍କରେ ବିଷଦ ଆଲୋଚନା କରାଯାଇ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ଜାନକୀ ବଲ୍ଲଭ ବରାଳ ଅନୁଷ୍ଠାନର ପୂର୍ବତନ ସମ୍ପାଦକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

ଏହି ବୈଠକରେ ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନିଲ କୁମାର ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡ଼ିଓ ଦେବାଶିଷ ନାୟକ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ସତ୍ୟବାଦୀ ମହୋତ୍ସବ କମିଟି କର୍ମକର୍ତା ଭବାନୀ ଶଙ୍କର ନନ୍ଦ, ପ୍ରିୟରଞ୍ଜନ, ଦୀପକ ଶତପଥୀ, ବଦ୍ରିନାରାୟଣ ଖଟୋଇ, ଦିଲ୍ଲୀପ କୁମାର ମହାନ୍ତି, ରଞ୍ଜନ କୁମାର ବରାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହ ବିଭିନ୍ନ ମତାମତ ପ୍ରଦାନ କରିଥିଲେ।

# ବରଗାଁ ରାସ୍ତାରେ ରଞ୍ଜନ ସ୍ୱାଇଁ ଗ୍ୟାଙ୍ଗର ଉତ୍ପାତ: ୪ ଜଣଙ୍କୁ ଖଣ୍ଡାରେ ହାଣିଲେ ଓ ଲୁଟିଲେ

ବଲାଙ୍ଗିର, ୨/୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ପୁଇଁତଲା ଥାନା ଅଂଚଳରେ ଏକ ଲୁଟେରାଗ୍ୟାଙ୍ଗ ଉତ୍ପାତ କରୁଥିବା ସୂଚନା ମିଳିଛି । ସାତମାଇଲ ଛକରୁ ବରଗାଁ ଦେଇ ସୋନପୁର ଜିଲ୍ଲାର ମେଣ୍ଡା ଅଂଚଳକୁ ଯାଇଥିବା ରାସ୍ତାରେ ଶୁକ୍ରବାର ରାତିରେ ଅଟକାଇ ଲୁଟ କରିଥିବା ଅଭିଯୋଗ ହୋଇଛି । ଏହି ଗ୍ୟାଙ୍ଗର ଲିଡର ଭୁର୍ସିପାଲିର ରଂଜନ ସ୍ୱାଇଁ ହୋଇଥିବା ବେଳେ ତା ସାଙ୍ଗରେ ୮ରୁ ୧୦ଜଣ ଅସାମାଜିକ ଯୁବକ ରହିଛନ୍ତି । ଶୁକ୍ରବାର ରାତି ୮ଟାରେ ତରଭା ଥାନାର ଦେଉଳପଦର ଗାଁର ପରିକ୍ଷିତ ପୁରୋହିତ ମୋଟର ସାଇକେଲରେ ଯାଉଥିବା ବେଳେ ବରଗାଁ ଗାଁ ମୁଣ୍ଡରେ ତାକୁ ଅଟକାଇ ଖଣ୍ଡାରେ ହାଣିଛନ୍ତି । ପରିକ୍ଷିତଙ୍କ ମୁଣ୍ଡରେ ଗଭୀର ଆଘାତ ଥିବା ବେଳେ ହାତରେ ମଧ ଷ୍ଟିଜ ହୋଇଛି । ତାକୁ ରଂଜନ ସ୍ୱାଇଁ ଓ ଅନ୍ୟମାନେ ଖଣ୍ଡାରେ ହାଣିଛନ୍ତି ଓ ଏହା ହତ୍ୟାପାଇଁ କରିଛନ୍ତି ବୋଲି ଅଭିଯୋଗ ହୋଇଛି । ପରିକ୍ଷିତଙ୍କୁ ଗୁରୁତର ଅବସ୍ଥାରେ ତାଙ୍କ ପରିବାର ଲୋକ ଉଦ୍ଧାର କରି ପ୍ରଥମେ ସୋନପୁର ଜିଲ୍ଲା ନାଇକେନପାଲି ଡାକ୍ତରଖାନାକୁ ନେଇ ପ୍ରାଥମିକ ଚିକିତ୍ସା କରାଇ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ଆଣି ଭର୍ତି କରାଇଛନ୍ତି । ପୁଇଁତଲା ଥାନାରେ ଏନେଇ ପରିକ୍ଷିତର ବାପା କୃଷ୍ଣଚନ୍ଦ୍ର ପୁରୋହିତ ଅଭିଯୋଗ ଦେଲାପରେ ମାମଲା ରୁଜୁ ହୋଇଛି । ଠିକ ସେହିପରି ମେଣ୍ଡା ନିକଟସ୍ଥ ରାଜପାଲି ଗ୍ରାମର ପୃଥ୍ୱୀରାଜ ସୁନା ମଧ ସେହି ରାସ୍ତାରେ ମୋଟରସାଇକେଲରେ ଯାଉଥିବା ବେଳେ ତାକୁ ମଧ ଅଟକାଇ ଖଣ୍ଡାରେ ଆକ୍ରମଣ ହୋଇଛି । ସେହି ରଂଜନ ସ୍ୱାଇଁ ଓ ତାଙ୍କ ଗ୍ୟାଙ୍ଗ ଏହି ଆକ୍ରମଣ କରିଛନ୍ତି । ପୃଥ୍ୱୀରାଜଙ୍କୁ ତରଭା ଥାନା ଅନ୍ତର୍ଗତ କେକଟପାଲି ଗାଁ ନିକଟରେ ଆକ୍ରମଣ ହୋଇଛି । ତାଙ୍କୁ ଅତର୍କିତ ଆକ୍ରମଣ ପରେ ପୃଥ୍ୱୀରାଜ ଜୀବନବିକଳରେ ଗାଡିଛାଡି ଅନ୍ଧାରରେ ଦଉଡି ପଳାଇଥିଲେ । ପୃଥ୍ୱୀରାଜଙ୍କ ଫୋନକଲ ପାଇ ତାଙ୍କ କିଛି ସାଙ୍ଗ ଓ ମେଣ୍ଡା ଫାଣ୍ଡି ଏସଆଇ ରବିନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ଟିମ ଆସିବା ବେଳେ ରଂଜନ ସ୍ୱାଇଁ ସେମାନଙ୍କୁ ମଧ ଖଣ୍ଡାଧରି ମାରିବାକୁ ଗୋଡାଇଥିଲେ । ପୋଲିସ ହାତରେ କେବଳ ଲାଠିଥିବା ବେଳେ ଗୁଣ୍ଡାଙ୍କ ହାତରେ ଖଣ୍ଡାଗୁଡିକ ରହିଥିଲା । ତେଣୁ ତରଭା ଓ ସୋନପୁରରୁ ପୋଲିସ ଟିମ୍ ଡକାଇ କୌଣସି ପ୍ରକାରେ ଜଣକୁ ମେଣ୍ଡା ପୋଲିସ କାବୁ କରିବାକୁ ସଫଳ ହୋଇଥିଲା । ରାତିରେ ପୁଣି ଆଉ ଜଣକୁ ଧରିଥିବା ଜଣାଯାଇଛି । ତରଭା ଥାନାରେ ମଧ ପୃଥ୍ୱୀରାଜଙ୍କ ଅଭିଯୋଗ ଉପରେ ଏକ ଡକାୟତି ମାମଲା ରୁଜୁ ହୋଇଛି । ଠିକ ସେହିପରି ବ୍ରାହ୍ମଣୀପାଲି ଗାଁର ଜଣେ ଯୁବକକୁ ମଧ ଏହି ଗୋଷ୍ଠୀ ଆକ୍ରମଣ କରିଥିବା ସୂଚନା ମିଳିଛି । ସେହି ରାସ୍ତାରେ ଯାଉଥିବା ବହୁତ ସମୟରେ ଲୋକଙ୍କୁ ଲୁଟର ଶୀକାର ହେବାକୁ ପଡୁଛି । ପୋଲିସ ଅନ୍ୟମାନଙ୍କୁ ଧରିବା ପାଇଁ ଛାନଭିନ ଚଳାଇଛି । ପ୍ରକାଶ ଯେ, ରଂଜନ ସ୍ୱାଇଁ ବହୁତବର୍ଷ ହେଲା ପୁଇଁତଲା ଥାନା ଅଂଚଳରେ ଉତ୍ପାତ ଚଳାଇଛି । କିଛି ରାଜନେତା ସେହି ଗ୍ୟାଙ୍ଗକୁ ନିଜର ବାହୁବଳ ଆକାରରେ ବ୍ୟବହାର କରୁଥିବାରୁ ରାଜନୈତିକ ପୃଷ୍ଠପୋଷକତା ପାଉଥିବା ମଧ ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି । ପୋଲିସ ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି । ପୁଇଁତଲା ପୋଲିସ ଶତୃଘ୍ନ ପାତ୍ର ନାମକ ଜଣେ ଅଭିଯୁକ୍ତକୁ ଧରିଥିବା ପୁଇଁତଲା ଆଇଆଇସି ସୁବରାଜ ଧରୁଆ କହିଛନ୍ତି । ସେପଟେ ମେଣ୍ଡା ଫାଣ୍ଡିରେ ମଧ ମାମଲା ନମ୍ବର-୨୫/୨୦୨୫ ରୁଜୁ ହୋଇ ତିନିଜଣ ଅଭିଯୁକ୍ତ ଜିତେନ ବିଶି, ବିନୋଦ ମେଶ୍ୱା ଓ ନେପାଲ କୁଦେଇକୁ ଧରି ଅଟକ ରଖିଛନ୍ତି । ତରଭା ଥାନା ଅଂଚଳରେ ଡ଼କାୟତି ମାମଲା ରୁଜୁ ହୋଇଥିବା ବେଳେ ପୁଇଁତଲା ଥାନାରେ ହତ୍ୟାଉଦ୍ୟମ ମାମଲା ରୁଜୁ ହୋଇଛି ।

## ପଣ୍ଡାପଡା ଆଂଚଳିକ ବିକାଶ ପରିଷଦର ଏକ ବୈଠକ ଅନୁଷ୍ଠିତ

ଘଟଗାଁ, ୨/୨ (ନି.ପ୍ର): ଆଂଚଳିକ ବିକାଶ ପରିଷଦ ତରଫରୁ ୧୦ ଗୋଟି ପଂଚାୟତ ସମସ୍ତ ନିର୍ବାଚିତ ସରପଂଚ, ସମିତ ସଭ୍ୟ/ସଭ୍ୟା, ୱାର୍ଡ ସଭ୍ୟ/ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟା ଏବଂ ଅଂଚଳର ବୁଦ୍ଧିଜୀବୀ ମାନଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାକୁ ଅସ୍ଥାୟୀ ସଭାପତି ଶ୍ରୀ ରାଜ କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସରକାରଙ୍କର ନିଷ୍ପତ୍ତି ଅନୁସାରେ ନୂତନ ଭାବେ ହେବାକୁ ଥିବା ବ୍ଲକ ଗଠନ ପାଇଁ ଆଦିବାସୀ ବହୁଳ ପଣ୍ଡାପଡା ଠାରେ ୭୨ ଜଣଙ୍କୁ ନେଇ ଏକ କମିଟି ଗଠନ କରାଗଲା । ଉକ୍ତ କମିଟିରେ ନୂତନ ସଭାପତି ଭାବରେ ଦେବେନ୍ଦ୍ର ନାଏକ, ସମ୍ପାଦକ ଶ୍ରୀ ରାମ ଚନ୍ଦ୍ର ମହାନ୍ତ, କୋଷ ଅଧକ୍ଷ ବଳରାମ ବାରିକ, ଉପ-ସଭାପତି ଶ୍ରୀ ରାଜେଶ କୁମାର ସିଂ ଙ୍କୁ ଚୟନ କରାଗଲା । ଏହି କମିଟିକୁ ଆମ ଗାଁ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସହିତ ମୁଖ୍ୟମନ୍ତ୍ରୀ ଓଡିଶା ସରକାର, ଜିଲ୍ଲାପାଳ କେନ୍ଦୁଝର, ପଂଚାୟତ ରାଜ ବିଭାଗ ଓଡିଶା ସରକାର, ସଂସଦ କେନ୍ଦୁଝର, ବିଧାୟକ ଘସିପୁରାଙ୍କୁ ଆଗାମୀ ଦିନରେ ବ୍ଲକ ଗଠନ ନିମନ୍ତେ ସମସ୍ତ କ୍ଷମତା ପ୍ରଦାନ କରିଛନ୍ତି ।

# ମହାରାଜା ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ ପାଳିତ

ସୁବର୍ଣ୍ଣପୁର, ୨/୨ (ନି.ପ୍ର): ସୁବର୍ଣ୍ଣପୁର ପିଏମ ଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟରେ ଆଜି ବାର୍ଷିକୋତ୍ସବ ସମାରୋହରେ ପାଳିତ ହୋଇଯାଇଛି ଓ ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ବରିଷ୍ଠ ଶିକ୍ଷକ ଆଶୀଷ ରଂଜନ ଅଧକ୍ଷତା କରିଥିବା ବେଳେ ଏଥିରେ ସୁବର୍ଣ୍ଣପୁର ଉପ ଜିଲ୍ଲାପାଳ ଡ. ସୌମ୍ୟରୂପା ରଥ ମୁଖ୍ୟ ଅତିଥି, ପୁରାତନ ଛାତ୍ର ସଂଘ ତଥା ମୋ ସ୍କୁଲ ଅଭିଯାନ ସଭାପତି ଗୋରେଖନାଥ ସାହୁ ଏବଂ ସ୍କୁଲ ପରିଚାଳନା ସମିତି ଅଧକ୍ଷା ଶ୍ରୀମତୀ ଅଳକାରାଣୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ର ତଥା ଶିକ୍ଷକ ଶିକ୍ଷୟିତ୍ରୀ ଓ ଅବିଭାବକ ମାନଙ୍କୁ ଉଦବୋଧନ ଦେଇଥିଲେ ଓ ବକ୍ତାମାନେ ଛାତ୍ର, ଶିକ୍ଷକ ଓ ଅଭିଭାବକ ସମ୍ମିଳିତ ଭାବେ ବିଦ୍ୟାଳୟର ଶୈକ୍ଷିକ ବାତାବରଣର ମାନ ଉନ୍ନତ କରିବା ପାଇଁ ଅନୁରୋଧ କରିଥିଲେ ଓ ଜାତୀୟ ସ୍ତରରେ ୩୦୦୦ ମିଟର ଲମ୍ବା ଦୌଡରେ ଜୁଲେଶ ନନ୍ଦ, ଯୋଗ ପ୍ରତିଯୋଗୀତାରେ ପ୍ରକାଶ ମେହେରଙ୍କୁ ପୁରସ୍କୃତ କରାଯିବା ସହ ବିଶ୍ୱଜିତ ନନ୍ଦ ଓ ଚନ୍ଦନ ମୁଣ୍ଡାଙ୍କୁ ଖେଳକୂଦ ଚମ୍ପିୟନ, ଲାଲ କୁର୍ତା ଗଙ୍ଗା ଦଳକୁ ଶ୍ରେଷ୍ଠ ବାଦ୍ୟ ନିମନ୍ତେ ଏବଂ ଅଭିମନ୍ୟୁ ମେହେର ତଥା ସୁଜନ ସାହୁଙ୍କୁ ଶ୍ରେଷ୍ଠ ଅଭିନୟ ପାଇଁ ପୁରସ୍କୃତ କରାଯାଇଥିଲା।

## ରୋତ କଲେଜରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ବଲାଙ୍ଗିର, ୨/୨ (ନି.ପ୍ର): ଆଗଲପୁର ପଂଚାୟତ ସମିତି ମହାବିଦ୍ୟାଳୟ ବାଣୀନିକେତନ ରୋତରେ ଯୁକ୍ତଦୁଇ ଶ୍ରେଣୀର ପ୍ରଥମ ବର୍ଷର ଛାତ୍ରୀମାନଙ୍କ ପାଇଁ ଦୀର୍ଘ ସାତଦିନ ଧରି ଆୟୋଜିତ ହୋଇଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡକ୍ଟର ଅନ୍ତର୍ଯ୍ୟାମୀ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବଲାଙ୍ଗିର ଜିଲ୍ଲାର ସଂଯୋଜକ ଡକ୍ଟର ଧନଞ୍ଜୟ ସେଠ ମୁଖ୍ୟ ଅତିଥି, ଯୁବ ରେଡକ୍ରସର ଜିଲ୍ଲା ସଂଯୋଜକ ଡକ୍ଟର ଦୈତାରୀ ପୂଜାରି ମୁଖ୍ୟବକ୍ତା, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଶାନ୍ତନୁ ପାଢୀ ଓ ମାଷ୍ଟର ଟ୍ରେନର ମାଧବୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ । ସାତଦିନ ଧରି ଆୟୋଜିତ ଏହି ତାଲିମ ଶିବିରରେ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଛାତ୍ରୀଙ୍କୁ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଏମକେସିଜି ଜୈବ ବର୍ଜ୍ୟବସ୍ତୁ ପରିଚାଳନା ଶେରଗଡ଼ରେ ହେବ

ଗଞ୍ଜାମ, ୨/୨ (ନି.ପ୍ର): ବ୍ରହ୍ମପୁର ଏକେସିଜିରୁ ବାହାରୁଥିବା ଜୈବ ବର୍ଯ୍ୟବସ୍ତୁ ଶେରଗଡ ର ପ୍ଲାଂଟରେ ପରିଚାଳନା କରାଯାଇ ପ୍ରକ୍ରିୟାକରଣ କରାଯାଇ ନଷ୍ଟ କରାଯିବ। ଏମକେସିଜିରେ ପୂର୍ବରୁ ରହିଥିବା ପ୍ଲାଂଟରେ ନଷ୍ଟ କରାଯାଉଛି। କିନ୍ତୁ, ଦୁଇଟିରୁ ଗୋଟିଏ ରେ ମେସିନରେ ତୃଟି ପରିପରିଲକ୍ଷିତ ହୋଇଥିଲା । ଅନ୍ୟଟି ପ୍ରଦ୍ୟୁଷଣ ବୋର୍ଡର ମାପକ ଅନୁସାରେ ଠିକ୍ ରୂପେ ସଂପୂର୍ଣ୍ଣ କାମ କରିନଥିଲା। ଏଣୁ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ କ୍ରମେ ଏମକେସିଜିଜିରୁ ବାହାରୁଥିବା, ସମସ୍ତ ବର୍ଯ୍ୟବସ୍ତୁ ନଷ୍ଟ କରିବାକୁ ଏକ ଘରୋଇ ସଂସ୍ଥା ସହ ଚୁକ୍ତି ହୋଇସାରିଛି।

# ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ ପାଇଁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ

ବଲାଙ୍ଗିର, ୨/୨ (ନି.ପ୍ର): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ୍) ଏକ ଅଗ୍ରଣୀ ବିଦ୍ୟୁତ୍ ବିତରଣ କମ୍ପାନୀ ଭାବେ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସଂଶୋଧନ ଲାଗି ବଲାଙ୍ଗିର ଏବଂ ସୋନପୁର ଜିଲ୍ଲାର ବିଭିନ୍ନ ଅଂଚଳରେ ଚଳିତ ଫେବୃୟାରୀ ମାସ ପାଇଁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ ର ଆୟୋଜନ କରୁଅଛି । ଏଣୁ ଏହି ଦୁଇ ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ନିମ୍ନଲିଖିତ ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ନିଜ ଅଂଚଳରେ ସେମାନେ ଉପସ୍ଥିତ ରହି ନିଜର ବାକିଥିବା ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ । ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଟିପିଡବ୍ଲ୍ୟୁଓଡିଏଲର ବିଭିନ୍ନ ସେକ୍ସନ୍ ଅଫିସଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯିବ । ଆସନ୍ତା ଫେବୃଆରୀ ୦୪ ତାରିଖ ଦିନ ମଲମୁଣ୍ଡା, ଫେବୃଆରୀ ୦୬ ତାରିଖ ଦିନ ଚଟମଖନା, ଫେବୃୟାରୀ ୦୭ ତାରିଖ ଦିନ ବଲାଙ୍ଗିର ଟାଉନ ସ୍ଥିତ ସେକ୍ସନ-୧ ଓ ୪, ଫେବୃୟାରୀ ୧୧ ତାରିଖ ଦିନ ବେଲପଡ଼ା, ଫେବୃଆରୀ ୧୮ ତାରିଖ ଦିନ ପାଟନଗଡ଼, ଫେବୃଆରୀ ୨୧ ତାରିଖ ଦିନ ଆଗଲପୁର ଏବଂ ଲୋଇସିଂହା ସ୍ଥିତ ସେକ୍ସନ ଅଫିସ୍ ଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯିବ । ସେହିପରି ସୋନପୁର ଜିଲ୍ଲା ସ୍ଥିତ ଟିପିଡବ୍ଲ୍ୟୁଓଡିଏଲର ଉଲୁଣ୍ଡା ସ୍ଥିତ ସେକ୍ସନ ଅଫିସ୍ ଠାରେ ଫେବୃଆରୀ ୧୦ ତାରିଖ ଦିନ, ବିନିକା ଏବଂ ମହାଦେବପାଲି ସ୍ଥିତ ସେକ୍ସନ ଅଫିସ୍ ଠାରେ ଫେବୃଆରୀ ୧୯ ତାରିଖ ଦିନ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଅଛି ।

# ପାତାଳୀ ମହୋତ୍ସବର ତୃତୀୟ ଦିନ : ପଦ୍ମମୁଖ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

ସୁବର୍ଣ୍ଣପୁର, ୨/୨ (ନି.ପ୍ର): ଜିଲ୍ଲାର ପ୍ରସିଦ୍ଧ ପୀଠ ଶ୍ରୀ ପାତାଳୀ କ୍ଷେତ୍ର କୋଟସମଲାଇ ରେ ଚାଲିଥିବା ୨୦ତମ ପାତାଳୀ ମହୋତ୍ସବ ଆଜି ତୃତୀୟ ଦିନରେ ପହଂଚିଛି। ଆଜି ଶ୍ରୀଜୀଉଙ୍କ ପଦ୍ମ ମୁଖ ବେଶ ଦର୍ଶନ କରି ଭକ୍ତ ବିଭୋର ହୋଇଛନ୍ତି। ଆଜି ଅପରାହ୍ନରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ମହୋତ୍ସବ ପରିସରରେ ଆୟୋଜିତ ଶ୍ରୀ ଜଗନ୍ନାଥଙ୍କ ୩୨ବେଶ ର ଉଦଘାଟନ କରି ଏମିତି ଦୁର୍ଲଭ ବେଶ ଆୟୋଜନ ର ଖୁବ ପ୍ରଶଂସା କରିଥିଲେ। ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରତିଦିନ ଭାଗବତ ପାରାୟଣ ପଠନ ରେ ଅନେକ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହିଥିଲେ।ପ୍ରତିଦିନ ସଂଧ୍ୟାରେ ଟ୍ରଷ୍ଟ ସମ୍ପାଦକ ଉତ୍ତର ପାତ୍ରଙ୍କ ସଭାପତିତ୍ୱରେ ଧର୍ମସଭା ଆୟୋଜନ ହେବା ସହ ଆଜି ସଂଧ୍ୟା ର ସାଂସ୍କୃତିକ କାର୍ଯ୍ୟକ୍ରମବରଗଡ ର ମାଁ ସମଲେଶ୍ୱରୀ ଡାଲିଆଖୁସା କଳା ପରିଷଦ ପକ୍ଷରୁ ପରିବେଷଣ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ପାଢୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୫୬ପ୍ରହରୀ ନାମଯଜ୍ଞ ରେ ଅନେକ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଅଖଣ୍ଡ ଘୃତଯଜ୍ଞ ରେ ପୂଜକ ଭାବରେ ଅର୍ଜୁନ ପଣ୍ଡା ଓ କର୍ତ୍ତା ଭାବେ ଗାଁ ଗୌନ୍ତିଆ ଚମରା ଅମାତ୍ ଓ ସୈରେନ୍ଦ୍ରି ଅମାତ କାର୍ଯ୍ୟ ସମ୍ପାଦନ କରିଥିଲେ।ଏହି ଅବସରରେ ମହାପ୍ରଭୁଙ୍କ ୩୨ବେଶ ପ୍ରଦର୍ଶନ ଯୋଗୁଁ ଭକ୍ତମାନେ ଦର୍ଶନ କରୁଛନ୍ତି।ସେ ପଟେ ଛଳିଆ ପାହାଡରେ ମନ୍ଦିର ନିକଟରେ ଭାଗବତ ସପ୍ତାହ ପାରାୟଣ ଅନୁଷ୍ଠିତ ହେଉଅଛି।ଏହି ମହୋତ୍ସବ ୨୦୦୬ ମସିହାରୁ ଆରମ୍ଭ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ମହାସମାରୋହରେ ନିରବଚ୍ଛିନ୍ନ ଭାବରେ ଅନୁଷ୍ଠିତ ହେଉଅଛି। ନୃତ୍ୟ, ଗୀତ, ପାରାୟଣ, ପ୍ରବଚନ, ଯଜ୍ଞ, ନାମ ସଂକୀର୍ତ୍ତନ ର ମହାନ ପର୍ବ ହେଉଛି ପାତାଳୀ ମହୋତ୍ସବ।ଏହି ମହୋତ୍ସବ ୬ ତାରିଖରେ ପୂର୍ଣ୍ଣାହୂତି ହେବ।ଆଜି ସାଂସ୍କୃତିକ କାର୍ଯ୍ୟକ୍ରମ କୁ ହଜାର ହଜାର ଭକ୍ତ ମନଭୋର ଦେଖିଥିଲେ।

# ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା: ବରୀ ନିର୍ବାଚନ ମଣ୍ଡଳୀ ବିଭିନ୍ନ ଧାନମଣ୍ଡି ପରିଦର୍ଶନ କଲେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି

ଧର୍ମଶାଳା, ୨/୨ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧାରପୁର, ଅମଠପୁର, ବାଲିଆ ଓ ରଜାତୋଟା ଆଦି ଅଂଚଳର ଧାନମଣ୍ଡିକୁ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିବା ସହ ଚାଷୀମାନଙ୍କ ସହିତ ଆଲୋଚନା କରି ଫେରିଛନ୍ତି । ଧାନମଣ୍ଡି ପରିଦର୍ଶନ ସମୟରେ ଧାନ ପ୍ରତି କ୍ୱିଂଟାଲ ପିଛା ୩୧୦୦ଶହ ଟଙ୍କା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଉପସ୍ଥିତ ଚାଷୀ ଧନ୍ୟବାଦ ଜଣାଇବା ସହିତ କୃତଜ୍ଞତା ଜଣାଇଥିଲେ। ମୋହନ ଚରଣ ମାଝି ସରକାର ଓଡିଶାରେ ଧାନ କାରବାରରେ ସ୍ୱଚ୍ଛତା ଓ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଯେଉଁମାନେ ଧାନ କିଣା କାରବାରରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରିବେ ସେମାନଙ୍କ ବିରୋଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି । ଯେଉଁଠାରେ ଧାନ କିଣା କାରବାରରେ_ଅଭିଯୋଗ ଆସୁଛି ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି । ଯାଜପୁର ଜିଲା ଧାନମଣ୍ଡି ପରିଦର୍ଶନ ସମୟରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା । ଧାନମଣ୍ଡୀମାନଙ୍କରେ ଚାଷୀମାନେ ବିଶ୍ରାମ ନେବା ପାଇଁ କୌଣସି ବ୍ୟବସ୍ଥା ନ ଥିବା,ପିଇବା ପାଇଁ ପାଣିର ଅବ୍ୟବସ୍ଥା,ଶୌଚ ହେବା ପାଇଁ ପାଇଖାନା ନ ଥିବା ଆଦି ଦେଖିବାକୁ ମିଳିଥିଲା। ଏବଂ ଧାନକୁ ସୁରକ୍ଷିତ ଭାବେ ରଖିବା ପାଇଁ ଆବଶ୍ୟକୀୟ ପାଲର ବ୍ୟବସ୍ଥା ନ ଥିବା ଦେଖିବାକୁ ପାଇଥିଲେ । ଯାଜପୁର ଜିଲାରେ ହେଉଥିବା ସହଳ କିସମ ଦେଶି ନାଲିଆ ଧାନକୁ ମିଲରମାନେ ନେଉ ନ ଥିବା ଚାଷୀମାନେ ସଭାପତିଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲାର ପୂର୍ବତନ ସଭାପତି ଆଶୁତୋଷ ପରିଡା, ରବିନ୍ଦ୍ର କୁମାର ଜେନା, ନିର୍ମଳ ସାମଲ,ବସନ୍ତ କୁମାର ସାମଲ, ସଂଗ୍ରାମ କେଶରୀ ପଲାଇ,ରବିନ୍ଦ୍ର ଶତପଥୀ,ଅନିଲ ରାଉତ, ପ୍ରଫୁଲ୍ଲ ମଲ୍ଲିକ,ମନୋଜ ମହାପାତ୍ର, ଶ୍ରୀକାନ୍ତ ଜେନା, ରାମଚନ୍ଦ୍ର ଜେନା,ବିଜୟ କୁମାର ବେହେରା ଓ ସରୋଜ ସାହୁ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତା ସାମିଲ ହୋଇଥିଲେ ।

# କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନାତ୍ମକ ନାଟକ ପରିବେଷଣ

କେନ୍ଦ୍ରାପଡା, ୨/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଗତ ଜାନୁଆରୀ ୩୦ ତାରିଖରେ କେନ୍ଦ୍ରାପଡା ଜିଲ୍ଲା ନ୍ୟାୟାଳୟ ପରିସରରେ ଏକ ଆଇନ ସଚେତନାତ୍ମକ ସାମାଜିକ ନାଟକ "ବିଚାର କରିବ ଉପର ବାଲା" ପରିବେଷଣ କରାଯାଇଥିଲା । ଏହି ଅବସରରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଓ ପୌରାଧକ୍ଷା ସରିତା ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷ ଜିଲ୍ଲା ବିଚାରପତି ବିଶ୍ୱଜିତ୍ ମହାନ୍ତିଙ୍କ ଅଧକ୍ଷତାରେ ଓ ସଚିବ ସୁମିତ୍ରା ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକଙ୍କ ଦ୍ୱାରା ରଚିତ ଓ ପ୍ରଦ୍ୟୁମ୍ନ କୁମାର ଜେନାଙ୍କ ନିର୍ଦ୍ଦେଶିତ ନାଟକରେ ଆଇନଜୀବୀ ଅକ୍ଷୟ କୁମାର ନାଥ, ପ୍ରଭାତ କୁମାର ପ୍ରଧାନ, ସ୍ମୃତିରଞ୍ଜନ ସିଂ, ପ୍ରଦୀପ କୁମାର ଗୋଛାୟତ, ଶାଶ୍ୱତ ନିର୍ମଳ ଦାସ, ଗଗନ କୁମାର ପ୍ରଧାନ, ଧରଣୀଧର ସାହୁ, ତ୍ରିଲୋଚନ ନାୟକ, ଜୟକିଶୋର ଦାସ, ସୁଭଦ୍ରା ରାୟ, ସଂଘମିତ୍ରା ମଲ୍ଲିକ, ପାରା ଲିଗାଲ ସ୍ୱେଚ୍ଛାସେବୀ ଅଶୋକ କୁମାର ଦାସ, ନଳିନୀକାନ୍ତ ସ୍ୱାଇଁ, ପିଙ୍କି କାଣ୍ଡର, ଶୈଳବାଳା ପାଲ୍ ପ୍ରମୁଖ ଅଭିନୟ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଆଇନଜୀବୀ ଗଦାଧର ଶତପଥୀ ଓ ଶ୍ରୀକାନ୍ତ ସ୍ୱାଇଁ ପରିଚାଳନା କରିଥିଲେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ପାନୀୟ ଜଳ କଷଣ...

ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ବଦଳୁଛି ଋତୁଚକ୍ର। ଜାନୁଆରୀ ଶେଷ ନ ହେଉଣୁ ପଶ୍ଚିମ ଓଡ଼ିଶାରେ ତାପମାତ୍ରା ୩୪ ଡିଗ୍ରୀ ସେଲସିୟସ ଅତିକ୍ରମ କଲାଣି। ତେଣୁ ସମ୍ଭାବ୍ୟ ଆଗୁଆ ଗ୍ରୀଷ୍ମ ପ୍ରବାହ ରାଜ୍ୟରେ ଗୁରୁତର ପାନୀୟ ଜଳ ସଙ୍କଟର ସଂକେତ ଦେଲାଣି। ଏଭଳି ପ୍ରତିକୂଳ ପରିସ୍ଥିତିରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ଚିନ୍ତନୀୟ। ଆଜିର ଏହି ଉଲ୍ଲେଖ ପୃଷ୍ଠଭାଗରେ ଅଛି ଦୂଷିତ ପାଣି ପିଇ କେବଳ ଉପାନ୍ତ ଅଞ୍ଚଳ କାହିଁକି ରାଜ୍ୟର ଉପକୂଳ ଜିଲ୍ଲାରେ ମଧ ଝାଡ଼ାବାନ୍ତି ରୋଗ ବ୍ୟାପିବା ଆରମ୍ଭ କରିଛି। ୨୦୪୭ରେ ଆମେ ବିକଶିତ ଭାରତର ସ୍ୱପ୍ନ ଦେଖୁଥିବାବେଳେ ସ୍ୱାଧୀନତାର ୭୮ ବର୍ଷରେ ମଧ ନାଗରିକଙ୍କ ସର୍ବନିମ୍ନ ଆବଶ୍ୟକତା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସମ୍ଭବପର ହୋଇନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ୨୦୨୪ ସୁଦ୍ଧା ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପରାହତ ହୋଇଛି। ଏହି ମିଆଦ ୨୦୨୬କୁ ବୃଦ୍ଧି କରାଯାଇଛି। ଜଳ ହିଁ ଜୀବନ ଏବଂ ଯେଉଁ ସୁସ୍ଥ ଓ ନିରାମୟ ଜୀବନର ଏହି ସର୍ବନିମ୍ନ ଆବଶ୍ୟକତା କାହିଁକି ଓ କେଉଁ ପରିସ୍ଥିତିରେ ସରକାରଙ୍କ ଅଗ୍ରାଧିକାରରୁ ବଞ୍ଚିତ ହୋଇଛି ? ଏଭଳି ଏକ ପ୍ରଶ୍ନ ବଞ୍ଚିତ ବର୍ଗଙ୍କୁ ନିଶ୍ଚୟ ବ୍ୟତିବ୍ୟସ୍ତ କରୁଥିବ। ସ୍ୱାଧୀନତାର ୭୫ ବର୍ଷରେ ସରକାର ଅମୃତକାଳ ଘୋଷଣା କରି ଯେଉଁ ମହତାକାଂକ୍ଷର ଯୋଜନା ଆରମ୍ଭ କରିଥିଲେ, ତାହା ଦୁଇବର୍ଷ ଅତିକ୍ରମ ନ କରୁଣୁ କେନ୍ଦ୍ର କ୍ୟାବିନେଟ୍ ଅର୍ଥମଞ୍ଜୁର କରିବାରେ ପଛଘୁଞ୍ଚା ଦେବାରୁ ସବୁ ଯେମିତି ଅଧାପନ୍ତରିଆ ପଡ଼ିରହିଛି। ସହରାଞ୍ଚଳରେ 'ଅମୃତ ମିଶନ' ଓ ଗ୍ରାମାଞ୍ଚଳରେ 'ଜଳ ଜୀବନ ମିଶନ'ରେ କେନ୍ଦ୍ର ସରକାରଙ୍କ ଅନୁଦାନ ଓ ରାଜ୍ୟ ସରକାରଙ୍କ ଅଂଶଧନ ବିନିଯୋଗ ହେଉଥିଲେ ହେଁ ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସ୍ୱତନ୍ତ୍ର ଆଗ୍ରହ ଓ ନିଷ୍ଠା ରହିବା ସ୍ୱାଭାବିକ। ତତ୍କାଳୀନ ବିଜେଡି ସରକାର ପ୍ରତ୍ୟେକ ଗ୍ରାମକୁ ପାଇପଜଳ ଯୋଗାଣର କାର୍ଯ୍ୟାରମ୍ଭ କରିଥିଲେ। ରାଜ୍ୟ ବଜେଟରେ ଏଥିସକାଶେ ଆବଶ୍ୟକ ଅର୍ଥ ବରାଦ କରିବା ସହ କେନ୍ଦ୍ର ସରକାର ୬୨୦୦ କୋଟି ଟଙ୍କା ଅନୁଦାନ ଯୋଗାଇବାକୁ ପ୍ରସ୍ତାବ ପଠାଇଥିଲେ। ୨୦୨୨-୨୩ ଆର୍ଥିକ ବର୍ଷରେ କେନ୍ଦ୍ର ଅନୁଦାନ ଆକାରରେ ୩୩୨୩ କୋଟି ଟଙ୍କା ରାଜ୍ୟକୁ ଯୋଗାଇଥିଲେ ମଧ ପରବର୍ତ୍ତୀ କିସ୍ତି ପ୍ରତି ଉଦାସୀନତା ପ୍ରଦର୍ଶନ କଲେ। ଅନୁଦାନ ଯୋଗାଣରେ ବିଳମ୍ବ ଓ ଟାଳଟୁଳ ନୀତି ଯୋଗୁଁ ଯୋଜନା ୨୦୨୪ରେ ଶେଷ ହେବା ପରିବର୍ତ୍ତେ ୨୦୨୬କୁ ଘୁଞ୍ଚାଇ ଦିଆଗଲା। ରାଜ୍ୟ ସରକାରଙ୍କ ଅପାରଗତା ଅପେକ୍ଷା କେନ୍ଦ୍ରର ଅସହଯୋଗିତାକୁ ଦାୟୀ କଲେ କିଛି ଭୁଲ୍ ହେବ ନାହିଁ। ଗ୍ରାମାଞ୍ଚଳକୁ ଜଳଯୋଗାଣ ଲକ୍ଷ୍ୟ ସାକାର କରିବା ସକାଶେ ରାଜ୍ୟ ସରକାରଙ୍କ କାର୍ଯ୍ୟାନ୍ୱୟନ ଧାରାକୁ କେନ୍ଦ୍ରର ଉଚ୍ଚ ପ୍ରଶଂସା ଏଠାରେ ପ୍ରଣିଧାନଯୋଗ୍ୟ। ହଠାତ୍ ଏ କ୍ଷେତ୍ରରେ କେନ୍ଦ୍ରର ଶିଥିଳତା ପ୍ରଦର୍ଶନ ପଛରେ କାରଣ ଯାଉଥାଉନା କାହିଁକି ରାଜ୍ୟର ଗ୍ରାମାଞ୍ଚଳରେ ପାନୀୟଜଳ ପହଞ୍ଚିପାରିଲା ନାହିଁ ଏବଂ ଲୋକଙ୍କ ଦୁର୍ଦ୍ଦଶା ଯେମିତିକୁ ସେମିତି ରହିଛି। ଅଧିକାଂଶ ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି ଓ ଠିକାଦାରଙ୍କୁ ବକେୟା ଅର୍ଥ ମିଳିନାହିଁ। ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଥିବା ଏହି କାର୍ଯ୍ୟ କେବେ ଶେଷ ହେବ, ତାହାର କୌଣସି ସଠିକତା ନାହିଁ। ସେହିଭଳି ସହରାଞ୍ଚଳରେ ଜଳ ଯୋଗାଣ, ପରିମଳ ବ୍ୟବସ୍ଥାରେ ସୁଧାର, ଜଳବାୟୁ ପୁନରୁଦ୍ଧାର, ଉନ୍ନତ ପରିବହନ ବ୍ୟବସ୍ଥା ଓ ପାର୍କ ସୁବିଧା ପ୍ରତି ଧ୍ୟାନ ଦେଇ 'ଅମୃତ ମିଶନ' ଆରମ୍ଭ ହୋଇଥିଲା। 'ଅମୃତ-୧' ପରେ ଆରମ୍ଭ ହୋଇଥିବା 'ଅମୃତ-୨' କାର୍ଯ୍ୟକ୍ରମ ୨୦୨୫-୨୬ ସୁଦ୍ଧା ଶେଷ ହେବ। ୨୦୨୩ ମାର୍ଚ୍ଚ ସୁଦ୍ଧା ତତ୍କାଳୀନ ରାଜ୍ୟ ସରକାର ୧୧୪ ପୌରାଞ୍ଚଳକୁ ପାଇପ ଜଳ ଯୋଗାଣରେ ଶତକଡ଼ା ଶହେଗୁଣ ସଫଳତା ହାସଲ କରିଥିଲେ। ଏପରିକି କଟକ ଓ ସମ୍ବଲପୁରରେ ଦୈନିକ ୧୩୩ ନିୟୁତ ଲିଟର ବର୍ଜ୍ୟଜଳ ବିଶୋଧନାଗାର ପ୍ରତିଷ୍ଠା କରାଯାଇଛି। ଏ କ୍ଷେତ୍ରରେ ସରକାର ଧାର୍ଯ୍ୟ ଲକ୍ଷ୍ୟ ହାସଲର ନିକଟବର୍ତ୍ତୀ ହୋଇଥିଲେ ମଧ ପରବର୍ତ୍ତୀ ପଦକ୍ଷେପରେ ଶିଥିଳତା ଯୋଗୁଁ ସହରତଳି ଅଞ୍ଚଳ ପାଇପ ପାଣି ପାଇବାରୁ ବଞ୍ଚିତ ହୋଇଛି। ଉଭୟ ସରକାର ଓ ପ୍ରଶାସନର ନିରବତାରୁ ସହରତଳି ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି। ଉଭୟ ଯୋଜନା କେନ୍ଦ୍ରୀୟ ଅନୁଦାନ ରାଶି କ୍ୟାବିନେଟ୍ ମଞ୍ଜୁରୀ ଅଭାବରୁ ଅଟକ ରହିଛି। ଏଭଳି ଏକ ଅଗ୍ରାଧିକାର କ୍ଷେତ୍ର ପ୍ରତି ଡବଲ ଇଞ୍ଜିନର ନିଷ୍କ୍ରିୟତା ଓ ଅସହଯୋଗିତା ଆଦୌ ସ୍ପୃହଣୀୟ ନୁହେଁ। ଆଗକୁ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଉଭୟ ସରକାର ଓ ରାଜ୍ୟବାସୀ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛନ୍ତି। ରାଜ୍ୟର ଭୂତଳ ଜଳସ୍ତର କ୍ରମାଗତ ହ୍ରାସ ପାଉଥିବା ବେଳେ ଜଳ ଯୋଗାଣ ବ୍ୟବସ୍ଥା କଠୋର ପରିସ୍ଥିତିର ସାମ୍ନା କରିବାକୁ ଯାଉଛି। ଗୋଟିଏ ପକ୍ଷରେ ପରିବର୍ତ୍ତିତ ପରିସ୍ଥିତିକୁ ଚାହିଁ ନିୟମିତ ବ୍ୟବଧାନରେ ସଂଯୋଗ କରାଯାଇଥିବା ପାଇପଲାଇନ କେତେଦୂର କାର୍ଯ୍ୟକ୍ଷମ, ତାହାର ଯାଞ୍ଚ ମାଧ୍ୟମରେ କାର୍ଯ୍ୟକ୍ଷମତା ବୃଦ୍ଧି କରାଯିବା ଜରୁରୀ। ଶେଷ ପର୍ଯ୍ୟାୟରେ ଅଟକି ଯାଉଥିବା ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରି ଲୋକଙ୍କୁ ପାଇପ ପାଣି ଉପଲବ୍ଧତା ପ୍ରତି ନୈତିକ ଦାୟିତ୍ୱ କ୍ଷମତାସୀନ ସରକାର ବହନ କରିବା ଉଚିତ। ପରିବର୍ତ୍ତିତ ପାଣିପାଗରେ ଫେବୃଆରୀରୁ ଆରମ୍ଭ ହେଉଥିବା ଖରାଦିନ ଅନ୍ତତଃ ରାଜ୍ୟରେ ଜଳାଭାବ ଭଳି ପରିସ୍ଥିତି ସୃଷ୍ଟି ନକରୁ। ଦୂରଦୃଷ୍ଟି ରଖି ସରକାର ଏବେଠାରୁ କାର୍ଯ୍ୟାରମ୍ଭ ନ କଲେ ଆଗକୁ ଯେଉଁ ପରିସ୍ଥିତି ଉପୁଜିବ, ତାହାକୁ ସମ୍ଭାଳିବା ଏତେ ସହଜ ହେବନି। ଆମର ଏଠାରେ କହିବାର କଥା ଯେ ବହୁମତ ପାଇ କ୍ଷମତାକୁ ଆସିଥିବା ଦଳ ତୃଣମୂଳ ସ୍ତରରେ ଉପୁଜିଥିବା ନକାରାତ୍ମକ ସ୍ଥିତିରୁ ନିଜକୁ ଦାୟିତ୍ୱମୁକ୍ତ କରିପାରିବନି।

# ଲୋକକଳା, ଶିକ୍ଷା, ଜୀବନ ଓ ଚେତନାର ବାର୍ତ୍ତାବହ ସ୍ପନ୍ଦନ



## ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଜୀବନ ଓ ଚେତନା ସମ୍ବନ୍ଧରେ ଏ ପର୍ଯ୍ୟନ୍ତ ଯେତେ ଦାର୍ଶନିକ ଓ ବୈଜ୍ଞାନିକ ଚିନ୍ତାର ପରିପ୍ରକାଶ ଘଟିଛି ତହିଁରେ ମଣିଷ ଓ ତାହାର ସ୍ଥିତିକୁ ମୁଖ୍ୟତଃ ଦୃଷ୍ଟିରେ ରଖାଯାଇଛି। ମଣିଷଠାରୁ ଚିନ୍ତା ଓ ଚେତନାକୁ ପୃଥକ କରିବାର ପ୍ରଶ୍ନ ଉଠୁନାହିଁ। ମଣିଷର ଉପଲବ୍ଧିରେ ସ୍ରଷ୍ଟା ଓ ସୃଷ୍ଟି, ଜୀବନ ଓ ଜଗତ ସତ୍ୟ ଓ ଅସତ୍ୟ, ରୂପ ଓ ଅରୂପର ଆବିର୍ଭାବ, ଅନୁରଣନ ଓ ଅଭିନିବେଶ ସ୍ୱୀୟ ଅସ୍ତିତ୍ୱ ପ୍ରତିପାଦନ କରନ୍ତି ଏବଂ ମଣିଷକୁ ମାଧ୍ୟମ ଭାବେ ଗ୍ରହଣ କରନ୍ତି। ସେଥିପାଇଁ ସ୍ଥିତି ଓ ଗତିରେ ମଣିଷ ନିଜକୁ ପୃଥିବୀର ସର୍ବଶ୍ରେଷ୍ଠ ଜୀବ ବୋଲି ଘୋଷଣା କରେ। ଏହି ଭାବଟିକୁ ବିଶ୍ଳେଷଣ କଲେ ଉପଲବ୍ଧି ହୁଏ, ଉଦବର୍ତ୍ତନ ଧାରାରେ ଚେତନାର ପ୍ରକାଶ ପାଇଁ ମଣିଷ ହିଁ ସର୍ବୋତ୍ତମ ମାଧ୍ୟମ। ସେଥିପାଇଁ ସେ ଚେତନାଶୀଳ ଜୀବ। ଚେତନାର ସ୍ଫୁର୍ତ୍ତିରେ ସେ ମଣିଷ। ଏ ଗତିଶୀଳ ଅବସ୍ଥିତିର ଅବଧାରକ ଜୀବନ ମଣିଷକୁ ଯେଉଁ ଭାବରେ ଧରି ରଖେ, ଠିକ ସେହି ଭାବରେ ମଣିଷର ସ୍ୱାତନ୍ତ୍ର୍ୟ ଓ ସମ୍ମେଳନ କ୍ରିୟାଶୀଳ ହୁଏ। ପ୍ରକୃତିର ଏ ପଦ୍ଧତିକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ, ବ୍ୟକ୍ତି ଓ ଗୋଷ୍ଠୀଭାବରେ ବଞ୍ଚିବାର ସୂତ୍ରରେ ନିଜର ବୈଶିଷ୍ଟ୍ୟ ପ୍ରତିପାଦନ କରିବା ନିମନ୍ତେ ମଣିଷର ପ୍ରୟାସ ଓ ପ୍ରଚେଷ୍ଟା ଅନବଦମ୍ୟ। ବିକାଶ ପାଇଁ ମଣିଷ ଠାରେ ଏହା ଜୀବନର ସ୍ପୃହା ଓ ମୌଳିକ ଅବଦାନ। କେବେ ଚେତନାରେ ଏହା କ୍ରିୟାଶୀଳ ହୁଏ, କେବେ ଅବଚେତନାରେ ନିଷ୍ପନ୍ଦ ରହେ। ତେବେ, ଏହି ଆତ୍ମବିକାଶର ଚେତନାରୁ ବିଚାର ଓ ବିଶ୍ୱାସ, ସଭ୍ୟତା ଓ ସଂସ୍କୃତିର ଉନ୍ମେଷ ହୋଇଛି। ମଣିଷର ଏ ହେଉଛି ବୈଶିଷ୍ଟ୍ୟ ଏବଂ ଏହା ଜୀବନ ପ୍ରକାଶର ଅନ୍ୟତମ ବିଭାବ। ଭାରତୀୟ ଜୀବନବୋଧରେ କେବଳ ନୁହେଁ, ସମଗ୍ର ପ୍ରକାଶ୍ୟ ଓ ପ୍ରକାଶମାନ ବିଶ୍ୱର ଏହା ହିଁ ବିଭବ ଓ ବୈଚିତ୍ର୍ୟ। ଏହି ବିଚାରରେ ଓଡ଼ିଆ ଜାତିଭାବରେ ସ୍ୱୀୟ ସ୍ୱାତନ୍ତ୍ର୍ୟ ସହିତ ଭାରତର ଜାତୀୟ ମହାସ୍ରୋତରେ ମିଳିତ ହୋଇ ମାନବ - ବିଶ୍ୱର ବ୍ୟାପ୍ତ ପରିସରରେ ଅବାଧ ଆତ୍ମପ୍ରକାଶର ଆନନ୍ଦରେ ଅଭିଭୂତ ହେବ, ଏହା ହିଁ ତାର ଲକ୍ଷ୍ୟ। ସେଥିପାଇଁ ପ୍ରତ୍ୟେକ ଓଡ଼ିଆର ଏବଂ ସମଗ୍ର ଓଡ଼ିଆ ଜାତିର ଆରାଧ୍ୟ ଶ୍ରୀଜଗନ୍ନାଥ।

ଓଡ଼ିଶା ଏବଂ ଓଡ଼ିଆ ଜାତୀୟତା ବହୁ ସଂଗ୍ରାମ ଓ ସାଧନା ମଧ ଦେଇ ଏ ପର୍ଯ୍ୟନ୍ତ ଆସିଛି। ପ୍ରଶ୍ନ ହେଉଛି ଯେ ଯେଉଁ ଓଡ଼ିଆ ଜାତି ଭାରତ ଭୂମିରେ ଦିନେ ପ୍ରଚଣ୍ଡ ପୌରୁଷର ଉଦବେଳନ ସୃଷ୍ଟି କରିଥିଲା, କ୍ରମେ ତାହା ଶୀଥିଳ ଓ ସ୍ଥାଣୁ ହୋଇଗଲା କାହିଁକି ? ତାହାର ଅଜେୟ ଶକ୍ତି ପରାହତ ଓ ପଥସ୍ଖଳିତ ହେଲା କିପରି ? ଅନୁଶାସନରେ ବିତ୍ରସ୍ତି ଦେଖାଦେଲା କାହିଁକି ?

ପୌରାଣିକ ଯୁଗରୁ ଏ ପର୍ଯ୍ୟନ୍ତ ଉଡ୍ର, କଳିଙ୍ଗ, କଙ୍ଗୋଦ ଏବଂ ଉତ୍କଳ ନାମରେ ପରିଚିତ ଏ ଭୂମି ଏବଂ ଏହାର କୀର୍ତ୍ତି ବହୁକାଳ ଧରି ଇତିହାସକୁ ଚମତ୍କୃତ କରିଛି। ଏହାର ସଭ୍ୟତା, ସଂସ୍କୃତି, ବୀରତ୍ୱ, ଧର୍ମଧାରଣା, ସାହିତ୍ୟ, କଳା, ସ୍ଥାପତ୍ୟ, ନୌବାଣିଜ୍ୟ, ଉପନିବେଶ, ମୈତ୍ରୀଭାବ, ଆଧିପତ୍ୟ ବର୍ତ୍ତମାନ କେବଳ ଅନୁଧ୍ୟାନର ବିଷୟ ହୋଇ ରହିଛି। ଲିଙ୍ଗରାଜ ମନ୍ଦିର, ବଡ଼ ଦେଉଳ, କୋଣାର୍କର ସୂର୍ଯ୍ୟ ମନ୍ଦିର ସମେତ ବହୁ ଭଗ୍ନ ଓ ଅର୍ଦ୍ଧଭଗ୍ନ ମନ୍ଦିର ଅବସନ୍ନ ଗୌରବର ବିମୂଢ଼ ଓ ମ୍ରିୟମାଣ ସାକ୍ଷୀ ରୂପେ ଦଣ୍ଡାୟମାନ ରହିଛନ୍ତି। ଗଙ୍ଗା ଠାରୁ ଗୋଦାବରୀ ଯାଏ ବ୍ୟାପୀ କୀର୍ତ୍ତିମାଳା ଯାର ବିରାଜେ ଅଦ୍ୟାପି। ସ୍ମୃତିରେ ରହି କେବଳ ଚିତ୍ତଦଂଶନ କରୁଛି। ଗୌରବ ଓ ମହତ୍ତ୍ୱର ବିଷୟ କୌଣସି ପ୍ରସଙ୍ଗରେ ଉତ୍ଥାପିତ ହେଲେ ଆମକୁ ନିଃସହାୟ ଭାବେ ଅତୀତ ସ୍ମରଣ କରି ସମ୍ମାନ ରକ୍ଷା ପାଇଁ ଚେଷ୍ଟା କରିବାକୁ ହୁଏ। ଏ ସବୁ ବିଚାର୍ଯ୍ୟ ବିଷୟ। କୌଣସି ଦାୟିତ୍ୱ ସଂପନ୍ନ ବ୍ୟକ୍ତି ବା ଜାତି ସ୍ମୃତିକୁ ସଂବଳ କରି ବଞ୍ଚି ରହିପାରେ ନାହିଁ ଏବଂ ତାହା ପୃଥିବୀର ଇତିହାସ ପ୍ରମାଣିତ କରିଛି।

ଗୋଟିଏ ସଭ୍ୟତାର ପରିଚୟ ହେଉଛି ସେଠାକାର ଲୋକକଳା। ସଭ୍ୟତା ଯଦି ଏକ ବିରାଟ ବଟବୃକ୍ଷ ହୁଏ, ସଂସ୍କୃତି ହେଉଛି ତାର ଚେର ଯାହା ମାଟିକୁ ଜାବୁଡ଼ି ଧରିଥାଏ ଦୃଢ଼ ଭାବରେ। ପରମ୍ପରା ସେହି ବୃକ୍ଷର ଶାଖାପ୍ରଶାଖା ଓ ଫଳଫୁଲ ସଦୃଶ, ଯାହା ଅନନ୍ତ ଆକାଶ ଯାଏ ପରିବ୍ୟାପ୍ତ। ସଂସ୍କୃତି ତାର ଅନ୍ତର୍ନିହିତ ଜୀବନ ସ୍ରୋତ ହେଲେ ପରମ୍ପରା ସେହି ପ୍ରାଣଶକ୍ତିର ଦୃଶ୍ୟମାନ ବର୍ଣ୍ଣାଢ଼୍ୟ ରୂପ। ଅର୍ଥାତ୍ ସଂସ୍କୃତି ଏକ ସମ୍ପତ୍ତି ନୁହେଁ, ତାହା ଏକ ଜୀବନ। ଏହି ଦୃଷ୍ଟିରୁ ଲୋକ ସାଂସ୍କୃତିର ଅର୍ଥ ଲୋକମାନଙ୍କ ଜୀବନଚର୍ଯ୍ୟା, ଯାର ଅଙ୍ଗୀଭୂତ ବିଷୟଗୁଡ଼ିକ ହେଲା ଆଚାର-ବିଚାର, ବିଶ୍ୱାସବୋଧ, ନ୍ୟାୟନୀତି ଇତ୍ୟାଦି। ଏହି ଲୋକ ସଂସ୍କୃତିର ଜୀବନ୍ତ ବାର୍ତ୍ତାବହ ହେଉଛି ଲୋକକଳା। ଏଥିରେ ପ୍ରତିଫଳିତ ହୁଏ ଲୋକ ଜୀବନର ନିଚ୍ଛକ ପ୍ରତିଛବି।

ମନୋରଞ୍ଜନର ଏକ ମାଧ୍ୟମ ହେଉଛି ନୃତ୍ୟ ଓ ସଙ୍ଗୀତ। ଭାରତୀୟ ସଙ୍ଗୀତ ଓ ନୃତ୍ୟର ରହିଛି ଏକ ସୁଦୀର୍ଘ ପରମ୍ପରା। ଆମ ଦେଶରେ ଦୁଇ ପ୍ରକାରର ନୃତ୍ୟ ଓ ଗୀତ ପ୍ରଚଳିତ। ଗୋଟିଏ ଶାସ୍ତ୍ରୀୟ ନୃତ୍ୟ-ଗୀତ ଓ ଅନ୍ୟଟି ଲୋକନୃତ୍ୟ-ଗୀତ। ଶାସ୍ତ୍ରୀୟ ନୃତ୍ୟ ଠାରୁ ବହୁ ପ୍ରାଚୀନ ଲୋକନୃତ୍ୟ ବୋଲି ଗବେଷକମାନେ ମତ ଦିଅନ୍ତି। ତେବେ ଲୋକନୃତ୍ୟ ଗୀତର ରହିଛି ଭିନ୍ନ ଏକ ଆବେଦନ। ଲୋକନୃତ୍ୟ, ଲୋକନାଟକ, ଲୋକସଙ୍ଗୀତ ହେଉଛି ଲୋକକଳାର ଏକ ପ୍ରମୁଖ ଅଂଶ। ଆମ ଦେଶରେ ଲୋକକଳାର ଇତିହାସ ବେଶ ପ୍ରାଚୀନ।

ପୂର୍ବରୁ ସଂଜ ନଇଁ ଆସିଲେ ଗାଁ ଦାଣ୍ଡରେ ଜମୁଥିଲା ଲୋକଗୀତ - ନୃତ୍ୟର ଆସର। ଗାଁ ସାରା ଯୁବକଯୁବତୀ, ବୃଦ୍ଧବୃଦ୍ଧା ଏକାଠି ଗୀତ ନୃତ୍ୟରେ ମଜ୍ଜି ଯାଉଥିଲେ। ଆଉ ସାରା ଦିନର କର୍ମକ୍ଳାନ୍ତ ଜୀବନକୁ ଭୁଲି ଯାଉଥିଲେ। ତେଣୁ ଲୋକକଳା ହେଉଛି ଲୋକ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ। ଲୋକନୃତ୍ୟ, ଲୋକନାଟକରେ ପ୍ରତିଫଳିତ ହୋଇଥା, ଲୋକଜୀବନର ଜୀବନ୍ତ ଚିତ୍ର।

ଲୋକକଳା ଏକ ପ୍ରାଚୀନ କଳା। ଆଦି ସଂସ୍କୃତିରୁ ଲୋକକଳାର ଉତ୍ପତ୍ତି ହୋଇଥିବା କୁହାଯାଏ। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରହିଛି ବିଭିନ୍ନ ପ୍ରକାର ଲୋକନାଟକ, ଲୋକନୃତ୍ୟ, ଲୋକସଙ୍ଗୀତ। ଲୋକକଳାରେ ସେହି ଅଞ୍ଚଳର ପର୍ବପର୍ବାଣୀ, ଲୋକସଂସ୍କୃତି, ଲୋକଚଳଣି, ଆଞ୍ଚଳିକ ଭାଷାର ଝଲକ ଦେଖିବାକୁ ମିଳିଥାଏ। 'କଣ୍ଢେଇ ନାଚ', 'ଗୋଟିପୁଅ ନାଚ', 'ଘୁମୁରା ନାଚ', 'ଚଇତିଘୋଡ଼ା ନାଚ', 'ପରଭା ନାଚ', 'ଛଉ ନୃତ୍ୟ', 'ଝୁମର', 'ଡାଲଖାଇ', 'ମୋଗଲ ତାମସା', 'ଦଣ୍ଡନାଚ', 'ଦାସକାଠିଆ', 'ଧୁଡୁକି ନାଚ', 'କରମା', 'ନଚନିଆ', 'ଯୋଡ଼ି ଶଙ୍ଖ ନୃତ୍ୟ', 'ରଣପା', 'ରାବଣ ଛାୟା', 'ସଖୀ ନାଚ', 'ସଂଚାର', 'ସଂପ୍ରଦା', 'ସଖୀ କଣ୍ଢେଇ ନାଚ', 'ପ୍ରହ୍ଲାଦ ନାଟକ', 'ଘୁମୁରା', 'ବନାବାଡ଼ି', ଆଦି ଲୋକନୃତ୍ୟ ଓଡ଼ିଶାରେ ବେଶ ପ୍ରସିଦ୍ଧି। ସେହିପରି 'ସଉରା ନାଚ', 'କନ୍ଧ ନାଚ', 'କୋୟା ନାଚ', 'ଗାଦବା ନାଚ', 'ଢ଼େମସା' ପ୍ରଭୃତି ଆଦିବାସୀ ନୃତ୍ୟର ମଧ ସ୍ୱତନ୍ତ୍ର ପରିଚିତି ରହିଛି। ତେବେ ଧୀରେ ଧୀରେ ଅନେକ ଲୋକକଳା ଲୋପ ପାଇବାକୁ ବସିଲାଣି। ଏହାର ପୁନରୁଦ୍ଧାର ପାଇଁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ଲୋକକଳାକାରଙ୍କୁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଦିଆଯାଉଛି। ଏବେ ବିଭିନ୍ନ ମଞ୍ଚରେ ପରିବେଶଣ କରାଯାଉଛି ଲୋକକଳା। ବିଶ୍ୱକବି ରବୀନ୍ଦ୍ରନାଙ୍କ ଟାଗୋରଙ୍କ ଭାଷାରେ - 'କଳା ଏହା ହିଁ କୁହାଯାଏ ଯାହା ସତ୍ୟ ଓ ସୁନ୍ଦର ତେବେ ଶାସ୍ତ୍ରୀୟ କଳା ଓ ଲୋକକଳା ଭାବେ ଏହା ଦୁଇ ଭାଗରେ ବିଭକ୍ତ ହୋଇଥିବାବେଳେ


> ଗୋଟିଏ ସଭ୍ୟତାର ପରିଚୟ ହେଉଛି ସେଠାକାର ଲୋକକଳା। ସଭ୍ୟତା ଯଦି ଏକ ବିରାଟ ବଟବୃକ୍ଷ ହୁଏ, ସଂସ୍କୃତି ହେଉଛି ତାର ଚେର ଯାହା ମାଟିକୁ ଜାବୁଡ଼ି ଧରିଥାଏ ଦୃଢ଼ ଭାବରେ। ପରମ୍ପରା ସେହି ବୃକ୍ଷର ଶାଖାପ୍ରଶାଖା ଓ ଫଳଫୁଲ ସଦୃଶ, ଯାହା ଅନନ୍ତ ଆକାଶ ଯାଏ ପରିବ୍ୟାପ୍ତ। ସଂସ୍କୃତି ତାର ଅନ୍ତର୍ନିହିତ ଜୀବନ ସ୍ରୋତ ହେଲେ ପରମ୍ପରା ସେହି ପ୍ରାଣଶକ୍ତିର ଦୃଶ୍ୟମାନ ବର୍ଣ୍ଣାଢ଼୍ୟ ରୂପ। ଅର୍ଥାତ୍ ସଂସ୍କୃତି ଏକ ସମ୍ପତ୍ତି ନୁହେଁ, ତାହା ଏକ ଜୀବନ। ଏହି ଦୃଷ୍ଟିରୁ ଲୋକ ସାଂସ୍କୃତିର ଅର୍ଥ ଲୋକମାନଙ୍କ ଜୀବନଚର୍ଯ୍ୟା, ଯାର ଅଙ୍ଗୀଭୂତ ବିଷୟଗୁଡ଼ିକ ହେଲା ଆଚାର-ବିଚାର, ବିଶ୍ୱାସବୋଧ, ନ୍ୟାୟନୀତି ଇତ୍ୟାଦି।

ଜନସାଧାରଣଙ୍କ ପାରମ୍ପରିକ, ବିଶ୍ୱାସ ଘନିଷ୍ଠ ଓ ଆନ୍ତସମ୍ବନ୍ଧ ଚେତନା ହେଉଛି ଲୋକକଳାର ବର୍ଗ। ସାଧାରଣ ଗ୍ରାମ୍ୟ ଜୀବନର ସରଳ ପରମ୍ପରାରେ ଅହଂକାରମୁକ୍ତ ଜୀବନ ରହିଥାଏ। ସେହିପରି ଅନୁନ୍ନତ ଜନଗୋଷ୍ଠୀଙ୍କ ଦ୍ୱାରା ଲୋକକଳା ଆଦୃତ ଓ ପୃଷ୍ଠପୋଷକ ପାଇଥାଏ ଯେଉଁଠି ଥାଏ ନିତିଦିନିଆ ତେଲ ଲୁଣର ଅଭାବୀ ସଂସାର ଭିତରେ ସୁଖଦୁଃଖର କଥା। ସମସ୍ୟା ବହୁଳ ଜୀବନକୁ ଜନମଙ୍ଗଳ ନିମିତ୍ତ ଏକ ନୀତିଶିକ୍ଷା ଓ ଉପଦେଶର ବାର୍ତ୍ତା ଦେଇଥାଏ ଏହି ଲୋକକଳା। ଜୀବନ ଧାରଣର ପ୍ରେରଣା, ଉତ୍ସ ଓ ସର୍ବୋପରି ଜୀବନ ପ୍ରବାହର ଏକ କଳାର ଉନ୍ମେଷ ଥିଲା ଯେଉଁଠି ଭରି ରହିଥିଲା ସମ୍ପର୍କର ନିବିଡ଼ତା। ବୈଚିତ୍ର୍ୟମୟ ପ୍ରକୃତି ଭିତରେ ସୌନ୍ଦର୍ଯ୍ୟର ଆକର୍ଷଣ, ଝରଣାର କୁହୁ କୁହୁ ନାଦ ସର୍ପିଳ ଗତିରେ ବୋହି ଯାଉଥିବା ନଦୀର କଳ କଳ ଶବ୍ଦ ନାନା ରଙ୍ଗ ବେରଙ୍ଗର ପକ୍ଷୀ ମାନଙ୍କର କାକଳି ଓ ପବନର ମର୍ମଧ୍ୱନୀ ହିଁ କଳାଚେତନାର ପ୍ରକୃତିର ଏକ ଦିବ୍ୟ ନବକଳେବର କହିଲେ ଅତ୍ୟୁକ୍ତି ହେବନାହିଁ।

ଲୋକକଳାର ଅନ୍ୟ ଏକ ପ୍ରାଣସ୍ପର୍ଶୀ ସରଳ ଓ ଲୋକପ୍ରିୟ ରୂପାୟନ ହେଉଛି ଲୋକନାଟ୍ୟ। ଜୀବନରେ ରୁଚି ଓ ଦୃଷ୍ଟିଭଙ୍ଗୀ ସହ ଧାର୍ମିକ ଭାବନା, ଆଧୁନିକ ଚିନ୍ତନ ଭିତରେ ଜୀବନକୁ ହାସ୍ୟରସପୂର୍ଣ୍ଣ ଲାଳିତ୍ୟମୟ ରଚନା ଭିତରେ ଜୀବନ ଓ ଚିନ୍ତାଧାରାକୁ ଉଦ୍ରେକ କରିବା ଓ ସାମାଜିକ ସଂସ୍କାର ପ୍ରବର୍ତ୍ତନ କରିବା ହେଉଛି ବଡ଼ ସଦଭାବନର ଲୋକଶିକ୍ଷା। ସାମାଜିକ ସଚେତନତା ପାଇଁ ରାବଣ ଛାୟା ହେଉ ବା ବଳରାମ ଦାଶଙ୍କ ଲକ୍ଷ୍ମୀ ପୁରାଣ, ନିଶାମୁକ୍ତି ଠାରୁ ଗାନ୍ଧିଜୀଙ୍କ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନ ଠାରୁ ଶିକ୍ଷା ଅଧିକାର ଆଇନ, ରାଷ୍ଟ୍ରୀୟ କୃଷି ବୀମା ସମ୍ପର୍କିତ ସଚେତନତା ହେଉ ବା ସଡ଼କ ସୁରକ୍ଷା ଏପରିକି କ୍ଷମତାର ଅହଂକାର ଓ ଛଳ ବିରୁଦ୍ଧରେ ପ୍ରତିବାଦର ସ୍ୱରୂପକୁ ମୋଗଲ ମାନଙ୍କ ସମୟରେ ଆରମ୍ଭ ହୋଇଥିଲା ମାଗଲ ତାମସା ଯାହା ଥିଲା ଆମ ପାରମ୍ପରିକ ପାଲା ସଂସ୍କୃତିର ଭିନ୍ନ ଏକ ରୂପ। ଓଡ଼ିଶାର ଲୋକନାଟ୍ୟ, ଲୋକକଳାର ସମୃଦ୍ଧ ଓ ପୃଷ୍ଠପୋଷକତାର ଅଗ୍ରଣୀ ପୂଜାରୀ ହେଉଛନ୍ତି ଆଦିବାସୀମାନେ। ଯାହାର ଦୃଷ୍ଟାନ୍ତ ହେଉଛି କନ୍ଧ, କୋୟା, ସଉରା ଓ ଗଦବା ଆଦି ଜନଜାତି ସମ୍ପ୍ରଦାୟର ସ୍ୱତନ୍ତ୍ର ନୃତ୍ୟ। ଆଦିବାସୀ ସଂସ୍କୃତିର କରମା ନାଚ ଭିତରେ ରହିଛି ଶସ୍ୟ ସମର୍ପଣ ସହ ପ୍ରକୃତି ପୂଜା। ଡଙ୍ଗରିଆ କନ୍ଧ ନାଚ ହେଉ ବା ପରଜା ନାଚ, ଗଦବା ନାଚ ହେଉ ବା କୋୟା ନୃତ୍ୟ, ଦେଶିଆ ନାଟ ଠାରୁ ସମ୍ପ୍ରଦା, ଘୁମୁରା ନୃତ୍ୟ, ସିଂଘବାଜା ନୃତ୍ୟ, ଢ଼େମସା ନୃତ୍ୟ ଠାରୁ ଘୋଡ଼ା ନାଚ, ଡାଲଖାଇ, ଛଉ ନୃତ୍ୟ, ଝୁମର ନୃତ୍ୟ, କଣ୍ଢେଇ ନାଚ, ପ୍ରହ୍ଲାଦ ନାଟକ ଏସବୁ ଭିତରେ ରହିଥାଏ ଜନଗୋଷ୍ଠୀର ସାଂସ୍କୃତିକ, ଶିକ୍ଷା ସଚେତନଧର୍ମୀ ଅଭିବ୍ୟକ୍ତି। ଜନ୍ମ, ବିବାହ, ମୃତ୍ୟୁ ସଂସ୍କାର ଓ ଅନ୍ୟ ସମସ୍ତ ଅନୁଷ୍ଠାନ ପାଳନର ସୌନ୍ଦର୍ଯ୍ୟ ତାତ୍ତ୍ୱିକ ଅଭିବ୍ୟକ୍ତି ହେଉଛି ଜନଜାତି ଆଦିବାସୀ ସଂଗୀତ ଓ ଗୀତ। ଅରଣ୍ୟରେ ପଶୁପକ୍ଷୀ, ପ୍ରାକୃତିକ କ୍ରିୟା ପ୍ରକ୍ରିୟାରୁ ଅନୁସରଣ ଓ ଅନୁକରଣ ପ୍ରଚେଷ୍ଟାରୁ ହିଁ ଏହି ଲୋକକଳାର ବିଭବ ନୃତ୍ୟ ସଂଗୀତର ବିଭବକୁ ସମୃଦ୍ଧ ଶାଳୀ କରିଛି। ଓଡ଼ିଶାର ନୃତ୍ୟ ସଂଗୀତ, ନାଟକ, ଲୋକକଳାର ବିଭବକୁ ଉଜ୍ଜୀବିତ କରିବାରେ ଓଡ଼ିଶା ସରକାରଙ୍କ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ରହିଛି। ଲୋକକଳାକୁ ବଞ୍ଚାଇ ରଖିବା ସହ ଏହାର ପ୍ରଚାର ପ୍ରସାର ଏବଂ ଲୋକକଳାର ବୈଶିଷ୍ଟ୍ୟକୁ ଅବଗତ କରାଇ ଗବେଷଣାଧର୍ମୀ ତଥା ସଚେତନଧର୍ମୀ ଜୀବନ ଚେତନାକୁ ଶିକ୍ଷା ଦେବା ସହ କେବଳ ମନୋରଞ୍ଜନ ନୁହେଁ ଲୋକକଳାକୁ ଉପଜୀବ୍ୟ କରି ଜୀବିକା ନିର୍ବାହ ପାଇଁ ଅନେକ କାର୍ଯ୍ୟକ୍ରମ ମଧ ନିଆଯାଉଛି। ପ୍ରାଚୀନତମ ଲୋକକଳାର ଲୋକ ଚେତନା ଆମ ଓଡ଼ିଆ ମହାନ ଜୀବନ ସଂସ୍କୃତିର ଅନ୍ୟତମ ଗୌରବ, ସମ୍ପତ୍ତି ଓ ବିଭବ କହିଲେ ଅତ୍ୟୁକ୍ତି ହେବନାହିଁ।

ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ,
ମୋ: ୯୪୩୭୨୪୨୩୧୭

# ୩୦ଜଣ ପ୍ରାଣ ହରାଇଲେ ଏବଂ ଶତାଧିକ ଆହତ, ଏହା ପାଇଁ ଦାୟୀ କିଏ ?



## ସୁବ୍ରତ କର

ରାଜ୍ୟ ସରକାର ନା କେନ୍ଦ୍ର ସରକାର ? ଘଟଣାଟି ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭରେ ଘଟିଥିଲା ମଙ୍ଗଳବାର ରାତ୍ରୀରେ । ସରକାରଙ୍କ ପାଖରେ ଜଣେ ମଣିଷର ଜୀବନର ଦାମ ୨୫ ଲକ୍ଷ ଟଙ୍କା । ଏହି ଘଟଣାଟିରେ ପ୍ରାଣ ହରାଇଥିବା ଲୋକ ଯଦି ସରକାରରେ ଥିବା ପଦସ୍ଥ ଲୋକଙ୍କର ହୋଇଥାଆନ୍ତା ମୁଖ୍ୟମନ୍ତ୍ରୀ ବା କୌଣସି ମନ୍ତ୍ରୀ ବା ବିଶିଷ୍ଟ ବ୍ୟକ୍ତିଙ୍କର ନିଜର ଲୋକ ହୋଇଥାଆନ୍ତେ ? ଘଟଣା ଘଟିଲା ପରେ ସରକାରଙ୍କ ତରଫରୁ କିଛି ନୂଆ ପଦକ୍ଷେପ ନିଆହେଲା ଅବଶିଷ୍ଟ ସମୟ ପର୍ଯ୍ୟନ୍ତ । ବିଶେଷ କରି ଭି.ଭି.ଆଇ.ପି ପାସ ବ୍ୟବସ୍ଥାକୁ ଉଚ୍ଛେଦ କରାହେଲା । ମହାକୁମ୍ଭ ଅଞ୍ଚଳକୁ 'ନୋ' ଭେହିକିଲ ଜୋନ ଘୋଷଣା କରିବା, ଗାଡ଼ି ଯିବା ଆସିବା ପାଇଁ ସରକାରଙ୍କ ତରଫରୁ ୱାନ ୱେ ଟ୍ରାଫିକର ବ୍ୟବସ୍ଥା କରାହେଲା । ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ବାହାର ରାଜ୍ୟରୁ ଆସୁଥିବା ସମସ୍ତ ଗାଡ଼ି ପ୍ରୟାଗରାଜକୁ ପ୍ରବେଶ କରି ପାରିବେ ନାହିଁ । ଏହାଛଡ଼ା ଉତ୍ତର ପ୍ରଦେଶର ଦୁଇ ବରିଷ୍ଠ ଅଧିକାରୀଙ୍କୁ ମହାକୁମ୍ଭକୁ ପଠା ହୋଇଛି ଆଇନ ଶୃଙ୍ଖଳାକୁ ଠିକ ଭାବରେ ପରିଚାଳନା କରିବା ପାଇଁ । ଏମାନଙ୍କ ଛଡ଼ା ୫ ଜଣ ସ୍ୱତନ୍ତ୍ର ସଚିବ ପାହ୍ୟାର ପ୍ରଶାସନିକ ଅଧିକାରୀକୁ ପଠାହୋଇଛି । ମୋର ମନେ ହେଉନାହିଁ ଉତ୍ତରପ୍ରଦେଶ ସରକାରଙ୍କ ଏହି ସବୁ ପଦକ୍ଷେପ ଯଥେଷ୍ଟ ହେବ ରହିଥିବା ଦିନଗୁଡ଼ିକରେ ଠିକ୍ ଭାବରେ ପରିଚାଳନା କରିବା ପାଇଁ। ଘଟଣା ଘଟିବା ପୂର୍ବ ପର୍ଯ୍ୟନ୍ତ ଦୁଇ ସରକାର ବହୁତ କସରତ୍ କରିଛନ୍ତି ସବୁ ରାଜ୍ୟର ଏବଂ ଦେଶ ବାହାରୁ ଶ୍ରଦ୍ଧାଳୁମାନଙ୍କୁ ଆକୃଷ୍ଟ କରିବା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଇଥିଲା ଏବଂ ଏପରିକି ଆମ ଓଡ଼ିଶା ସରକାର ଭକ୍ତ ମାନଙ୍କୁ ପଠାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ । ଶହ ଶହ ଲୋକ ଆମ ରାଜ୍ୟରୁ ଟ୍ରେନ ଯୋଗେ ଏବଂ ସରକାରଙ୍କ ଦ୍ୱାରା ବ୍ୟବସ୍ଥା ହୋଇଥିବା ବସ ଦ୍ୱାରା ପ୍ରୟାଗରାଜ ପହଞ୍ଚିଥିଲେ । ମୋ ଜାଣିବାରେ ବହୁତ ଲୋକ ହଇରାଣ ହରକତ୍ ହୋଇଛନ୍ତି ଏବଂ କେହି କେହି ଫେରିଆସି କହିଛନ୍ତି ସରକାରଙ୍କ ବ୍ୟବସ୍ଥା ଠିକ୍ ନଥିଲା । ଏହା ପୂର୍ବରୁ ଦୁଇ ଦୁଇ ଥର ନିଆଁ ଲାଗ ଶହ ଶହ ତମ୍ବୁ ପୋଡ଼ି ଭସ୍ମ ହୋଇଯାଇଛି ଏବଂ ଭଗବାନଙ୍କ ଆଶୀର୍ବାଦ ଥିଲା ବୋଲି କେହି ମୃତାହତ ହୋଇ ନାହାନ୍ତି। ଏହାପରେ ମଧ ଓଡ଼ିଶାରୁ ଯାଇଥିବା ଲୋକମାନେ ଦୁଇଟି ଡଙ୍ଗା (ନଈ ଭିତରେ) ଧକ୍କା ହେବା ଫଳରେ ପାଣିରେ ପଡ଼ି ଯାଇଥିଲେ ଏବଂ ଓଡ୍ରାଫ ଏବଂ ଦମକଳ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ । ଏଥିରେ ମଧ କେହି ମୃତାହତ ହୋଇନାହାନ୍ତି । ଶେଷରେ ଆମ ଜିଲ୍ଲାର ନୀଳଗିରିର ନରସିଂହପୁର ଗ୍ରାମର ଦୋଳଗୋବିନ୍ଦ ପାଢ଼ୀଙ୍କ ପତ୍ନୀ ଦମୟନ୍ତୀ (୫୮ବର୍ଷ) ୨୯ ତାରିଖରେ ସପରିବାର ବୁଲୁଥିବା ବେଳେ ଗହଳି ଭିତରେ ହଜି ଯାଇଥିଲେ । ଏପର୍ଯ୍ୟନ୍ତ ତାଙ୍କର ସନ୍ଧାନ ମିଳି ନଥିବାରୁ ତାଙ୍କର ବୋହୁ ସବିତା ପାଢ଼ୀ ନୀଳଗିରି ଥାନାରେ ଆଭିଯୋଗ କରିଛନ୍ତି ।


ଏହି ଘଟଣାକୁ ଅନେକ ଲୋକ ଭଲ ଭାବରେ ନେଇ ନଥିବାରୁ ବିଶାଳ ତିୱାରୀ ନାମକ ଜଣେ ବ୍ୟକ୍ତି ସୁପ୍ରିମକୋର୍ଟର ଏକ ମାମଲା ଦାଏର କରିଛନ୍ତି ଏବଂ କୋର୍ଟକୁ ଅନୁରୋଧ କରିଛନ୍ତି ଏଭଳି ଘଟଣା ପାଇଁ ସରକାରଙ୍କୁ କୁହାହେଉ ଉଚିତ ପଦକ୍ଷେପ ନେବା ପାଇଁ । ଏବେ ପ୍ରଶ୍ନ ଉଠୁଛି ଏହି ୨୫ ଜଣଙ୍କ ମୃତ୍ୟୁ ପାଇଁ ଦାୟୀ କିଏ ହେବେ ? ସରକାର ହେବେ ନା ଆଉ କେହି ? ଯଦି ସରକାର ଏହା ପାଇଁ ଦାୟୀ ତେବେ ଦଣ୍ଡ କାହାକୁ ମିଳିବ ? କିଛି ସମୟ ଅତିବାହିତ ହେଲା ପରେ ସମସ୍ତେ ଚୁପଚାପ୍ ହୋଇଯିବେ ଏବଂ ଏଭଳି ଅଘଟଣା ଘଟିଚାଲିବ ଏବଂ ଯାହାର ଲୋକ ମରିଲା ଶେଷରେ ତାର ପରିବାର ଦାୟୀ ।





## ସୂର୍ଯ୍ୟୋଦୟ
### ସୁବାସ ଚନ୍ଦ୍ର ସାହାଣୀ

ଅପେକ୍ଷା କର, ଅପେକ୍ଷା କର....
ଉଷାର ଗର୍ଭ ଗୁହାରୁ
ଉଠିବ ଉଠିବ, ରକ୍ତୋଜ୍ଜ୍ୱଳ
ସହସ୍ରଶିର, ଆଶାର ଶତଦଳ।
ବାରୁଣୀ ଘାଟର ବାଡୁଅ ବୁଡ଼
ଭବ ବୈଭବ, ବରାଭୟ ଦାୟ
ସୂର୍ଯ୍ୟସ୍ନାତର, ସୁର ଶାଶ୍ୱତ ରୁଦ୍ର
ରୂପ....
ପୂର୍ବୁ ପଶ୍ଚିମ ଉତ୍ତର ଦକ୍ଷିଣ
ଆଲୋକମାଳାର ଅକ୍ଷତ ବର୍ଣ୍ଣ,
ଜାଳି ଜଳାଇବଦୂଷଣ କଷଣ ଅସହ୍ୟ
ଦୁଃଖ ।
ଏଇଠି ଉଠି ସେ, ସେଇଠି ଦହିବ
ଅନ୍ୟାୟ ଭାର, ଅତ୍ୟାଚାରର ଯାବ ..
ସାମ୍ୟ ଦର୍ଶନ, ସାମ୍ୟ ବର୍ଷଣ,
ସମତାର ରାଗ।
ସୃଷ୍ଟିର ସାରବତ୍ତା, ସୃଜନର ମହାସତ୍ତା
ମହାବିସ୍ମୟ, ମହିମାମୟ ମହାବିଶ୍ୱ
ଆତ୍ମା,
ସକଳର ସିଏ, ଶିର ଶିରସ୍ତ୍ରାଣ ଅଭୂତ
ଆଶ୍ଚର୍ଯ୍ୟମୟ ।
ଅମା ଅନ୍ଧାର, ଅଶୁଭ ଦୃଷ୍ଟିକାଳ
ଅହିତ ଆତ୍ମାର-ଧ୍ୱଂସ ଦାବାନଳ
ଧୃତି ଧାରଣ, ଧର୍ମ ଧ୍ୱଜାର ଧୁର୍ଜଟିଧର
ଶକ୍ତିପୁଞ୍ଜ।
ପୀଡିତ ହୃଦୟ, ପୀଡା ଯନ୍ତ୍ରଣା
ଅନୁକ୍ତ ବ୍ୟଥା
ପେଟି ବୁର୍ଜୁଆର, ପାପ ବୋଧ
ଅଗ୍ନିରୋଷ ଗାଥା....
ଭେଦି ସେ ଚକ୍ରବ୍ୟୁହ...ଆଣିବ
ବିଜୟ, ଗାଇ ମାନବାଦର ଗୀତ ।

ଶ୍ରୀହରି ଆଳୟ, ବାଂମୟ ନିଳୟ,
ସାହିତ୍ୟ ଚିରକାଳ ।
ସା-ବୋଇତାଳୁ ପାଟଣା, ପୋଷ-
ମୋହନପୁର, ଭାୟା-ବିଞ୍ଝାରପୁର-
୭୫୫୦୦୪। ଯାଜପୁର
ମୋ: ୭୩୮୪୨୫୧୧୪୬



## ରେ ଆତ୍ମନ୍ !
### ହରେରାମ ପଣ୍ଡା



ଜୀବନର ପଥ କେତେ ଅଙ୍କାବଙ୍କା
କେବେ ଖରା କେବେ ଛାଇ,
ଜଞ୍ଜାଳ ଜୁଇରେ ଯନ୍ତ୍ରଣାର ନିଆଁ
କାହିଁ ଆଶ୍ୱାସନା କାହିଁ ?
ଚାଲି ଚାଲି ପାଦ ଥକି ପଡିଲେ ବି
ଚାଲିବାର ଶେଷ ନାହିଁ,
ସଂସାର ହାଟରେ ସୁଖର ସଉଦା
ମନ ଦିଏ ଚହଲାଇ ।
ମରୁ ମରୀଚିକା ମୋହରେ ପାଗଳ
ଘୁଞ୍ଚି ଘୁଞ୍ଚି ଯାଏ ଆଶା,
ଫିକା ଫିକା ସବୁ ଦମ୍ଭ ଅଭିମାନ
ନମିଳେ ସାହା ଭରସା ।
ସୁଖ ଖୋଜୁ ଖୋଜୁ ଅନ୍ଧାର ଗଳିରେ
ପାଦ ଯେବେ ଫସିଯାଏ,
ବାଟବଣା ହୁଏ ଆଶାର ସପନ
ଆପଣା ବି ପର ହୁଏ ।
ଆସନ, କ୍ଷମତା, ସମ୍ପଦର ନିଶା
ମନକୁ କରେ ଅସ୍ଥିର,
ସମ୍ପଦର ମଧୁ ଚାଖିବାକୁ ଥରେ
କେତେ ବନ୍ଧୁଙ୍କର ଭିଡ଼ ।
ହାତରୁ ଖସିଲେ ଆସନ, କ୍ଷମତା,
ସେମାନେ ବୁଲାନ୍ତି ମୁହଁ,
ଯିଏ କେବେ ତୁମ ନିଜର ନଥିଲା
ଆଜି ବି ନିଜର ନୁହଁ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ।
କୁଆଁସ, ମେରଦା କାଟିଆଛକ,
ଯାଜପୁର ।
ମୋ: ୯୪୩୮୦୬୫୧୯୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୦୩ ଫେବୃଆରୀ, ସୋମବାର, ୨୦୨୫


# ଆଲୋକିତ ଅନ୍ଧାର

ଶ୍ରୀନିବାସ ସେଠୀ





ବଡି ଭୋରରୁ ଉଠି ଅଫିସ କାମରେ ପ୍ରଦୋଷକୁ ବାହାରକୁ ଯିବାର ଥିଲା । ପ୍ରଶାନ୍ତିକୁ ଉଠାଇ ନଥିଲା ପ୍ରଦୋଷ । ସେ ଭୋର ନିଦ ପ୍ରିୟ। ଉଠାଇଦେଲେ ବିରକ୍ତ ହୁଏ । ଛୋଟ ଝିଅ ତାକୁ ଜଡାଇ ଧରି ଶୋଇଛି ।

ପ୍ରଦୋଷର ମନେପଡେ, ସେ ଛୋଟ ଥିବାବେଳେ ବାପା କେବେ କେବେ ଭୋରରୁ ଉଠି ଷ୍ଟେସନ୍ ଯାଆନ୍ତି ଟ୍ରେନ୍ ଧରିବାକୁ । ବୋଉ ବହୁତ ପୂର୍ବରୁ ଉଠି ବାପାଙ୍କ ଜଳଖିଆ ପ୍ରସ୍ତୁତ କରେ। ପ୍ରଦୋଷ ବୋଉକୁ ଜଡାଇ ଧରି ଶୋଇଥାଏ । ବୋଉ ପ୍ରଦୋଷକୁ ଗୋଲ ତକିଆକୁ ତା ବାହୁ ଭିତରେ ଧରାଇ ଉଠି ପଡି ବାପାଙ୍କ ଜଳଖିଆ କରେ, ପୁଣି ଦିନର ଖାଇବା ଟିଫିନ୍ ଭିତରେ ଭରି ଦେଇଦିଏ । ଏବେ ସମୟ ବଦଳିଛି। ପ୍ରଶାନ୍ତି ମଧ ଚାକିରୀ କରେ। ସକାଳେ ସେ ଉଠି ପାରେନି । କିନ୍ତୁ ଅସୁବିଧା ହୁଏନାହିଁ । ବୋଉ ମନେ ରଖିଥାଏ ମୋ'ର ସବୁ ପ୍ରୋଗ୍ରାମ । ସେ ଉଠି ପଡ଼ି ମୋର ସବୁ କରିଦିଏ ।

ପ୍ରଦୋଷ ଉଠି ବସିଲା ବେଳକୁ ବୋଉ ଚାହା କରି ପ୍ରଦୋଷକୁ ବିସ୍କୁଟ ଓ ଚାହା ଆଣି ଦେଇଗଲା। ବୋଉ ଜାଣେ ପ୍ରଦୋଷ ଏତେ ସକାଳେ କପେ ଚାହା ବ୍ୟତୀତ ଆଉ କିଛି ଖାଏନି।

ପ୍ରଦୋଷ ସୁଡୁକୁ କରି ଚାହାର ସ୍ୱାଦ ନେଲା। ବୋଉ ହାତ ତିଆରି ଚାହାର ସ୍ୱାଦ ଆଉ କିଛି ।

ପ୍ରଶାନ୍ତି ଏବେ ବି ଶୋଇଛି ।

ଚାହା ପିଇ ସାରିଲା ପରେ ଖାଲି କପ୍ ପ୍ଲେଟ ନେଉ ନେଉ ହଠାତ୍ ବୋଉ ହାତରୁ କପ୍ ଖସି ପଡି ଭାଙ୍ଗିଗଲା ।

ସେ ଶବ୍ଦରେ ହଠାତ୍ ପ୍ରଶାନ୍ତି ଉଠି ଆସି ବିରକ୍ତ ହୋଇ କହିଲା,

- ଦେଖିଲ ! ଭାଙ୍ଗି ଦେଲନା ସେ କପ୍ । ମୋ ବୋଉ ଚୁନାର ବୁଲିଯାଇଥିବା ସମୟରେ କେତେ ଆଗ୍ରହରେ କେତେ ସୁନ୍ଦର କପ୍ ଆଣିଥିଲେ । ସେତକ ଆଜି ଭାଙ୍ଗି ଯିବାର ଥିଲା।

- ଓଃ ହୋ ! ଚୁପକର ନା ପ୍ରଶାନ୍ତି । ତୁମର ତ ନିଦ ଭାଙ୍ଗୁନଥିଲା । ଏବେ କିଛି ଖସି ପଡିବା ଶବ୍ଦରେ କେମିତି ନିଦ ଭାଙ୍ଗି ଗଲା ? ତୁମେ ଉଠି ପଡ଼ି କପେ ଚାହା କରି ଦେଇଥିଲେ ଏ ସବୁ ତ ହୋଇ ନଥାନ୍ତା ।

- ମୋତେ ତ ପୁଣି ଅଫିସ ଯିବାକୁ ପଡିବ । ମୁଁ ଠିକ୍‌ରେ ନ ଶୋଇଲେ କେମିତି ଅଫିସ କରିବି ?

- ତେବେ ଭାଙ୍ଗିଗଲା ଯଦି ହଁ ଆଖିରୁ ନିଦ ହଜିଗଲା କାହିଁକି ?

ପ୍ରଶାନ୍ତି ରାଗି ତମତମ ହୋଇ ଯାଇ ଶୋଇ ପଡିଲା ପୁଣି ବେଡ୍‌ରେ।

ମନେପଡୁଛି, ବୋଉ କେତେ କଥା ଶୁଣେ ବାପାଙ୍କଠୁ । କିନ୍ତୁ କିଛି କହେନାହିଁ, ଚୁପଚାପ୍ କାମ କରି ଚାଲେ ବରଂ ବ୍ୟସ୍ତ ହୁଏ, କେଉଁ କଥାରେ ବାପା ରାଗ କଲେ । ଏବେ ତ ସମୟ ବଦଳିଛି । ଟିକିଏ ଭାରି ଗଳାରେ କହିଦେଲେ ବି ପତ୍ନୀମାନଙ୍କୁ ଆଘାତ ଲାଗୁଛି ।

ପ୍ରଦୋଷ ଏବେ ବୋଉ ଉପରେ ରାଗିଲା, 'ତୋତେ କିଏ କହୁଥିଲା ଚାହା କରିବା ପାଇଁ କହିଲୁ ବୋଉ ? ତୋତେ ଠିକ୍‌ରେ ଦିଶୁନି । ପାଞ୍ଚ ଦିନରୁ ପଇସା ଦେଲିଣି ଚଷମା କିଣିବା ପାଇଁ । ତୁ କିଣି ନାହୁଁ କାହିଁକି କହତ ? ତେଣୁ ତ ଝୁଣ୍ଟି ପଡୁଛୁ ?'

ଏତକ କହି ବାହାରିଗଲା ଟ୍ରେନ ଧରିବାକୁ ।

ଦୁଇ ଦିନ ପରେ ଟୁରରୁ ଫେରିଲା ପ୍ରଦୋଷ। ସେଦିନର ସକାଳ କଥା ନେଇ ଏବେ ବି ମୁହଁ ଫୁଲାଇଛି ପ୍ରଶାନ୍ତି ।

ବୋଉ ଡରି ଡରି ବୁଲୁଛି ଭିତର ରୁମ୍ ଭିତରେ।

କାହାକୁ ଡରୁଛି ବୋଉ ! ଯାହା ପାଇଁ ଭଲ ପାଇବା, ତାହାରି ପାଇଁ ଡର ଥାଏ । ବୋହୂଟା ଯେ ସେଦିନଠୁ ମୁହଁ ଫୁଲେଇ ବୁଲୁଛି ।

ପ୍ରଦୋଷ ଜଡାଇ ଧରି ପ୍ରଶାନ୍ତିକୁ କହିଲା, 'ସରି ! ତମ ଉପରେ ସେଦିନ ରାଗିବାର ନଥିଲା। ବୁଝିବାକୁ ଚେଷ୍ଟା କର। ବୋଉର ବୟସ ହୋଇଛି । ହଠାତ୍ ହାତ ବି ଥରୁଛି ବେଳେ ବେଳେ।'

- 'ହୁଁ , ହାତ ଥରୁଛି । ମୁଁ ବୋଉଙ୍କ ଉପରେ ଚିଡିବାରେ ଅନେକ କାରଣ ଅଛି ।'

- କାହିଁକି ? କ'ଣ ହେଲା ?

- ତୁମେ ଲକ୍ଷ୍ୟ କରିଛ ? ବୁଢୀ ହେଲା ପରେ ବି ବୋଉଙ୍କର ଲୋଭ ଯାଉନି ।

- ସେଇମିତି ମୁଁ ତ ଜାଣି ପାରିନାହିଁ । ଠିକ୍‌ରେ କହିଲେ ସିନା ବୁଝିବି ।

- ଚାରି ପାଞ୍ଚ ଦିନ ତଳେ ତୁମେ ଠିକ୍ ଅଫିସ ଯିବା ବେଳେ ତୁମ ପର୍ସ ଅଣ୍ଡାଳୁଥିଲେ । ଗଣି ଦେଖିଛ କେତେ ଟଙ୍କା କାଢି ନେଇଛନ୍ତି ? ଖାଲି ସେଦିନ ନୁହେଁ, ସେ ବହୁତ ସମୟରେ ଏଇମିତି କରନ୍ତି । ମୁଁ ଲୁଚି ଲୁଚି ସବୁ ଦେଖେ, କିନ୍ତୁ କିଛି କହେନାହିଁ । ଅବା କହିଥାନ୍ତି କାହିଁକି ? ସେ ତୁମ ମାଆ, ତୁମ ପର୍ସରୁ ପଇସା ଚୋରି କରିଲେ ତ ମୋର ତ କିଛି କହିବାର ନାହିଁ ।

ପ୍ରଦୋଷ ଏବେ କାନ୍ଦ କାନ୍ଦ ଦିଶିଲା ।

- କେଉଁଦିନ କଥା କହୁଛ ପ୍ରଶାନ୍ତି ? କେଉଁଦିନ ବୋଉ ମୋ ପର୍ସ ଅଣ୍ଡାଳୁଥିଲା ? ସୋମବାର ଦିନ ? ସେଦିନ ମୋ ପର୍ସ ଖାଲିଥିଲା । ମୁଁ ଭୁଲି ଯାଇଥିଲି ପର୍ସରେ ପଇସା ରଖିବାକୁ। ଅଫିସରେ ପହଞ୍ଚି ଦେଖିଲି ସେଦିନ ମୋ ପର୍ସରେ ହଜାରେ ଟଙ୍କା । ସେ ଟଙ୍କା ତୁମେ ରଖି ନଥିଲ ? ମୁଁ ତ ଭାବୁଥିଲି ତୁମେ ରଖିଛ ବୋଲି । ତାହାହେଲେ ବୋଉ ସେ ପଇସା ରଖିଛି ! ସେଇଥିପାଇଁ ବୋଉ ଏ ଯାଏ ଚଷମା କିଣି ନାହିଁ।'

ପ୍ରଦୋଷ ଛଳ ଛଳ ଆଖିରେ ବୋଉ ପାଖକୁ ଦଉଡି ଗଲା ।

- କ'ଣ ହେଲାରେ ପଦୁ ! ମୁଁ ବଜାର ଯାଇଥିଲି। ସାରା ବଜାର ଖୋଜିଲି । ସେ ଭଳି କପ ମିଳିଲାନି । ପ୍ରଶାନ୍ତିର ରାଗିବା ଯଥାର୍ଥ । ତୁ ସିନା ଅଯଥାରେ ବିରକ୍ତ ହେଲୁ ତା ଉପରେ !

ପ୍ରଦୋଷ ବୋଉ କାନ୍ଧ ଉପରେ ମଥା ରଖି କହିଲା, 'ସବୁ ଜିନିଷ କ'ଣ ସବୁଦିନ ପାଇଁ ରହେ। କିଛି ତ ଭାଙ୍ଗିଯାଏ ଏଇମିତି, ଆଉ କିଛି ଯୋଡିଦେବା ପାଇଁ ।'

ବୋଉ କିଛି ବୁଝି ନ ପାରି ତାକୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲା । ପ୍ରଶାନ୍ତି ସବୁ ବୁଝିପାରି ରୁମ ଭିତରକୁ ପଳାଇ ଗଲା ।

ଘର ଭିତରର ଲାଇଟ୍ ବନ୍ଦ କରି ଘଡିଏ ଛିଡ଼ା ହେଲା ଅନ୍ଧାରରେ। ଆଲୁଅରେ ଛିଡ଼ା ହେବାକୁ ତାକୁ କାହିଁକି ଏଇ ମୂହୁର୍ତ୍ତରେ ଅସ୍ୱସ୍ତି ଲାଗୁଛି ।


+ବସନ୍ତପୁର , ବାଲେଶ୍ୱର
ମୋବାଇଲ - ୯୦୦୨୦୨୦୬୦୪


# ଗଭୀରତା

ଘନଶ୍ୟାମ ପଲେଇ





ରଘୁ ଆଜି ଭାରି ଖୁସି ଥିଲା। ଜଣେ ବଡ ଅଫିସରଙ୍କୁ ନେଇ କି ଆସିଛି ରାଜଧାନୀ... ସେ ଚଳାଉଥିବା ଭଡା ଗାଡିରେ। ଅବଶ୍ୟ ଭୁବନେଶ୍ୱରକୁ ଅନେକ ଥର ଗାଡି ଚଳେଇ ଆସିଛି। ହେଲେ ଏପରି ଉଚ୍ଚ ପଦ ପଦବୀରେ ଥିବା ଲୋକକୁ ସାଙ୍ଗରେ ଆଣିବାଟା ତା'ର ଥିଲା ପ୍ରଥମ। ଏହା ତା ପାଇଁ ବଡ ଭାଗ୍ୟର କଥା। ଦିନବେଳା ମିଲ୍‌ଟେ ଖାଇବାକୁ ମିଳିଯିବ ଭଲ ହୋଟେଲରେ। ସୁଯୋଗ ବି ମିଳିପାରେ କେଉଁ ଏକ ବଡ ହୋଟେଲରେ ପଶିବାର। ଦେଖି ନ ଥିବା ଦରବ ବାଜିବ ପାଟିରେ। ମନେ ମନେ ଖୁସିରେ କୁରୁଳି ଉଠୁଥିଲା ଅନ୍ତର ଏକ ଅଜଣା ଖୁସିର ଶିହରଣରେ। କିଛି ନୂଆ ଘଟିବା ହିଁ ତ ଜୀବନର ଅସଲ ସ୍ୱାଦ।

- ଏ କ'ଣ ବାବୁ ଜଣଙ୍କ ଏଇ ଅଫିସ୍‌ରୁ ସେଇ ଅଫିସ ହେଉଛନ୍ତି ଗାଡିରେ। କାମ ସରୁ ନାହିଁ... ତାହାଲେ ଖାଇବେ କେତେବେଳେ ? ଭୋକରେ ଡ୍ରାଇଭର ରଘୁର ପେଟ କଁ... କଁ... କଲାଣି। ଦିନ ତିନିଟା ବାଜିଲା ପରେ ବି ବାବୁ ଜଣଙ୍କର ଭୋକ ନାହିଁ... କିଛି କହୁ ନାହାଁନ୍ତି ବି।

ସନ୍ଧ୍ୟା ଚାରିଟା ହେଇଗଲା। ରଘୁ ଭୋକରେ ଧୌର୍ଯ୍ୟ ହରା ହେଇଗଲା। ଧିର କିନା କହିଲା- ସାର ! ଖାଇ ନିଅନ୍ତୁ ... ଠିକ୍ ସମୟରେ ନ ଖାଇଲେ... ଦେହ ବିଗିଡି ଯିବ।

ବାବୁ ଜଣଙ୍କ ହସିଲେ। କହିଲେ- ମୁଁ ତ ଠିକ୍ ସମୟରେ ହିଁ ଖାଇଛି। ଆଉ ତୁ... ?

ରଘୁ ବଡ ଆଶ୍ଚର୍ଯ୍ୟ ହେଲା। କହିଲା- ଆପଣ ଖାଇ ସାରିଲେଣି କେତେବେଳୁଁ... ମୁଁ ତ କାଇଁ ଦେଖି ପାରିଲି ନାଇଁ ?

- ହଁ ! ଆମେ ଯେତେବେଳେ ଫଳ ଦୋକାନ ଆଡିକି ଯାଇଥିଲେ ... ମୁଁ ଗାଡି ଅଟକେଇବାକୁ କହିଥିଲି... ଆସୁଛି କହି- ଗୋଟାଏ ମିନିଟରେ ଗଲି... ଚଟ୍‌କିନା କଦଳୀ ଦୁଇଟା ଚୋପା ଛଡେଇ ଖାଇ ଦେଇଥିଲି... ସେତିକି ଥିଲା ମୋ ପାଇଁ ଯଥେଷ୍ଟ।

ଆଶାର ଫୁଲଗଛଟା ପାଣି ବିନା ଝାଉଁଳି ଗଲା ପରି ଡ୍ରାଇଭର ରଘୁର ମୁହଁଟା ଶୁଖି ଗଲା। ଆଉ କିଛି ପାଟିରୁ ବାହାରିଲା ନାହିଁ...

ବାବୁ ଜଣଙ୍କ କହିଲେ- ଚାଲ ଘରକୁ ଯିବା... କବିଟେ ଭଳି ଭାବୁଛୁ କ'ଣ... ?

-- ହଁ.. ଆଜ୍ଞା... କହି ଗାଡି ଛୁଟେଇଲା ଫେରିବା ଉଦ୍ଦେଶ୍ୟରେ।

କିଛି ବାଟ ଯାଇଛି କି ନାଇଁ ଗାଡିର ସ୍ପିକର ସହ ବ୍ଲୁ-ଟୁଥ୍ ସଂଯୋଗ ଥିବା ମୋବାଇଲଟା ଜୋରରେ ବାଜି ଉଠିଲା। ତା' ମାଲିକ ତା'କୁ ଫୋନ୍ କରିଥିଲା। ପଚାରିଲା... ଜିପିଏସ୍ ଚିହ୍ନଟରୁ ଜଣା ପଡୁଛି... ଗାଡି ଭୁବନେଶ୍ୱର ଛାଡିଲା ଏଇନେ... ସାବଧାନରେ ଗାଡି ଚଳେଇବୁ। ଉଚ୍ଚ ଅଧିକାରୀ... ଠିକ୍ ସେ ଆଣିବୁ... କିଛି ଅସୁବିଧା ହେଲେ ଆମ ମାନସମ୍ମାନ ତଳେ ପଡିଯିବ। ଆରେ ହଁ...ହଁ... ଭୁଲି ଯାଇଥିଲି ତୋ ଖାଇବା ବାବଦରେ ତୋ ହାତରେ କିଛି ପଇସା ଦେବାକୁ... ଅବଶ୍ୟ ତୋର କିଛି ଅସୁବିଧା ହେଇ ନଥିବ ଯେ... ଏଡେବଡ ସାହେବକୁ ନେଇ ଯାଇଛୁ ...।

- ହଁ... ଆଜ୍ଞା ! ପହଞ୍ଚିଲେ ଫୋନ୍ କରିବି- କହି କାଟିଦେଲା କଲ।

ଲାଉଡ ସ୍ପିକରରେ ସବୁ ଶୁଣୁଥିଲେ ଅଫିସର ଜଣଙ୍କ... ଲାଜରେ ତା'ଙ୍କ ବାଁ ପଟ ଗାଲରେ ଝିଟିପିଟି ଲଣ୍ଡି ପରି ଥିବା କଳାଜାଇକୁ କୁଣ୍ଡାଉଥିଲେ।


ଏଣେ ରଘୁ ମନେ ମନେ ଆକଳନ କରୁଥିଲା ଗରିବ ଓ ମଧ୍ୟବିତ୍ତ ପରିବାରର ଲୋକଙ୍କ ସ୍ନେହ ବୋଳା ଉଦାର ମନଭାବର ଗଭୀରତାକୁ।


+ଟେନସା, ସୁନ୍ଦରଗଡ-୪୨,
ମୋ-୯୪୩୭୭୧୮୫୦୦


# ପଶ୍ଚାତାପ

ପ୍ରଫୁଲ୍ଲ ବାରିକ





ଏତେଟିକେ କଥା ଝିମିଟି ଖେଳରୁ ଆସି ମହାଭାରତର ରୂପ ନେବ, କେହି ଭାବି ନଥିଲା । କି ଭାବିବ ବି ନାହିଁ ।

ରାଜ୍ୟପାଳ ପୁରସ୍କାର ପ୍ରାପ୍ତ, ଶିକ୍ଷକତା ସରିବାକୁ ବସିଲାଣି, ଆଉ ବେଶୀରେ ବେଶୀ ଦି'ବର୍ଷ ଚାକିରୀ। ଶିକ୍ଷକ ମହଲଠୁ ଶିକ୍ଷାବିଭାଗ, ପୁଣି ପଞ୍ଚାୟତର ଅଭିଭାବକ ସମସ୍ତଙ୍କର ପ୍ରିୟପାତ୍ର କରୁଣ ସାର୍‌ଙ୍କ ଚରିତ୍ରରେ କଳାଦାଗ । କିମିତି ସହନ୍ତେ ଭଲା। କିଏ ସହିଲାଣି ନା ସହିବ । ସିମିତି ଚରିତ୍ରର ହେଇଥିଲେ ସହିଯାଇ ଥାଆନ୍ତା । ଇଏ କରୁଣ ସା'ର । ଚାଲିଗଲେ ବାଟରେ କୋଟିଏ ନମସ୍କାର।

ଯାହା ସେ କରିଛନ୍ତି ଉଭୟ ପିଲା ଓ ସ୍କୁଲପାଇଁ ମଙ୍ଗଳ। ଏଥିରେ ଦ୍ୱିଧା ନାହିଁ । ଅଥଚ, କିଛି ନବୁଝି ନସୁଝି ଯାଇ କେସ ଥାନାରେ । ସେ ପିଲା କ'ଣ ଥିଲା ସାର୍‌ଙ୍କର ଶତ୍ରୁ, ନା ତାକୁ ଦଣ୍ଡଦେଇ ସାର ନେଉଥିଲେ ବାହାଦୂରି ଯେ ବୟସରେ ? ଦୁଇଜଣ ଝିଅପିଲା ଆସି କମ୍ପ୍ଲେନ କଲେ ଅଫିସରେ ଯେ ସୁଜିତ ଝିଅଙ୍କ ପରିସ୍ରାଗାର କାଂଥରେ ଚକରେ ଲେଖିଛି ଅଭଦ୍ର ଭାଷା । ଲେଖିବା ସହ ଅଶ୍ଳୀଳ ଚିତ୍ର ବି କରିଛି । ସେମାନେ ଦେଖିଛନ୍ତି ତାକୁ କରି ଆସୁଥିବା ବେଳେ । ହେଡ଼ସାର ସବୁ ସହିବେ ଝିଅଙ୍କ ପ୍ରତି ଅଶ୍ଳୀଳ ବ୍ୟବହାର କରନ୍ତି ନାହିଁ ବରଦାସ୍ତ। ଏମିତିରେ ବଢ଼ିଯିବ ପିଲାଙ୍କ ଫାଜଲାମୀ । ବଡହେଲେ ଅସମ୍ମାନ କରିବେ ଝିଅ ବୋହୁଙ୍କୁ। ତାଙ୍କର ଦାୟିତ୍ୱ ଚରିତ୍ର ଗଠନ ପାଠସହ । କେତେକେତେ ପିଲାଙ୍କୁ ବାଟକୁ ଆଣିଛନ୍ତି । ସେମାନେ ଏବେ ବଡ଼ମଣିଷ । ଦେଖିଲେ ପ୍ରଣାମ କରନ୍ତି । ସାର୍ ଶୁଣିବା ପରେ ସେ ପିଲାକୁ ଡାକି ପଚାରିବାରୁ ସିଧା ସେ ମନା କରିଦେଲା, ଯେ ସେ ଜାଣେନି ଏ ସମ୍ପର୍କରେ ବିନ୍ଦୁ ବିସର୍ଗ । ଦେଖିଥିବା ଝିଅ ସାକ୍ଷୀ ଦେବାରୁ ଚୁପ ରହିଲା। ଶାସ୍ତିରେ ପରଦିନ ପ୍ରାର୍ଥନା କ୍ଲାସରେ ସମସ୍ତଙ୍କ ଆଗରେ ତାକୁ ଉଠବସ କଲେ କାନଧରି ଶହେଥର। ଶପଥ କରେଇଲେ ଆଉ ଇମିତି କରିବନି ବୋଲି । ବାସ୍, ଏତିକି ସାରଙ୍କର ଦୋଷ । ସେ ଯାଇ ଘରେ କହିଲା । ସାଙ୍ଗେସାଙ୍ଗେ ତା ବାପା ଆସି ସାର୍‌ଙ୍କୁ ମାରେ କି ନମାରେ । ସିଧା ଆରୋପ, ସମସ୍ତଙ୍କ ଆଗରେ ମୋ ପୁଅକୁ ଅପମାନିତ କରାଯାଇଛି। ସାର୍ ତାକୁ ବୁଝେଇଲେ ବହୁତ। ସେ ଅବସ୍ଥାରେ ଥିଲେ ତ ? ଦଣ୍ଡମୁକ୍ତ ଅଞ୍ଚଳ ହେଇଚି ସରକାରଙ୍କ ଘୋଷଣା ଅନୁଯାଇ ସ୍କୁଲ। ଆପଣ କ'ଣ ସରକାରଙ୍କ ଉପରେ ? ଆପଣ କିଏ ମୋ ପୁଅକୁ ଅପମାନ କରିବାକୁ ? ମୁଁ ଦେଖୁଚି... କହି ସିଧା ଥାନାକୁ। ଏତଲା ଗ୍ରହଣ ପରେ ଥାନାବାବୁ ଫୋନ କଲେ ସ୍କୁଲର ଉଚ୍ଚ କର୍ତ୍ତୃପକ୍ଷଙ୍କୁ । ବୁଝାବୁଝି କରି ଫଇସଲା କରି ନେବାକୁ । ବିଇଓ ତୁରନ୍ତ ବାଇକ ଧରି ଆସି ସ୍କୁଲରେ ହାଜର । ସବୁ ଶୁଣିବା ପରେ ଚୁପ ବସିଲେ ବିଇଓ । ସାର୍ ଆଗରୁ ଲେଖିକି ରଖିଥିଲେ ଇସ୍ତଫା ପତ୍ର । ବିଇଓଙ୍କୁ ଧରେଇ ଅନୁରୋଧ କଲେ ଗ୍ରହଣ କରି ତାଙ୍କୁ ରିଲିଜ କରିବାକୁ । ସେ ସ୍କୁଲ ସହ ଡିପାର୍ଟମେଣ୍ଟର କଳଙ୍କ । ତାଙ୍କ ପାଇଁ ବିଭାଗ ବଦନାମ । କେସ ଯାହାହେବ ବ୍ୟକ୍ତିଗତ ଭାବେ ସମ୍ମୁଖୀନ ହେବେ ସେ । ବିଇଓ ସାର୍‌ଙ୍କ ସିଦ୍ଧାନ୍ତରେ ତଟସ୍ଥ । କ'ଣ କରିବେ ? କାହାକଥା ବୁଝିବେ ? ଡାକିଲେ ପିଲାର ବାପାଙ୍କୁ। ତାଙ୍କସହ ଦୁଇ ତିନିଜଣ ମାନ୍ୟଗଣ୍ୟ ଲୋକଙ୍କୁ ଯିଏ ପଞ୍ଚାୟତର ମୁରବି ଶ୍ରେଣୀୟ । ସମସ୍ତଙ୍କୁ ନେଇ କଲେ କଥାର ବିସ୍ତୃତ ଆଲୋଚନା।

ସବୁଶୁଣି ସମସ୍ତେ ଦୋଷଦେଲେ ପିଲାର । ଅଧିକ ଦୋଷଦେଲେ ତା ବାପାକୁ । ସ୍ୱାଧୀନତା ଅର୍ଥ ସ୍ୱେଚ୍ଛାଚାରିତା ନୁହେଁ। ସ୍କୁଲରେ ଦଣ୍ଡ ନଦିଆଯାଇପାରେ। ହେଲେ ଏପରି ଅପରାଧକୁ ନରୋକିଲେ ଅବସ୍ଥା କ'ଣ ହେବ ? ପିଲା ପିଲାହେଇ ରହିବତ ? ଝିଅମାନେ ପଢିବେ କିମିତି ? ରହିବ ସ୍କୁଲରେ ଶୃଙ୍ଖଳା ? ସାର୍ ମାରିନାହାନ୍ତି । କେବଳ ଅପମାନିତ କରିଛନ୍ତି । ସିଏ ପୁଣି ସ୍କୁଲର ଛାତ୍ର ଛାତ୍ରୀଙ୍କ ଆଗରେ । କୋଉ ବାହାର ଲୋକଙ୍କ ଆଗରେ ? ସିମିତି ହେଲେ ପୁଅର ଭବିଷ୍ୟତ ଚିନ୍ତା କରୁଚ ତ ? ତା ବାପାଙ୍କୁ ବିଇଓ ପ୍ରଶ୍ନ କଲେ, ସାର୍‌ଙ୍କ ଜାଗାରେ ଆପଣ ଥିଲେ କ'ଣ କରିଥାଆନ୍ତେ ? ସାର୍ ଦୁଃଖିତ । ଦୁଃଖରେ ଦେଇଛନ୍ତି ଇସ୍ତଫା । ଏବେକୁହନ୍ତୁ, ଇସ୍ତଫା ତାଙ୍କର ଗ୍ରହଣ କରିନେବି ? ଯାହା କହିବେ, ସେଇଆ ହେବ ।

ପିଲାର ବାପା ଲୁହ ଠଳଠଳ ଆଖିରେ ଯାଇ ସାର୍‌ଙ୍କ ପାଦଧରି କହିଲା, ସାର୍ ମୋତେ କ୍ଷମା କରିଦିଅନ୍ତୁ । କ୍ରୋଧରେ ମୁଁ ଭୁଲ କରିଦେଇଛି । ମୋ ଏତଲା ମୁଁ ଥାନାରୁ ଫେରେଇ ଆଣିବି । ମୋ ପୁଅର ଭୁଲ । ତାକୁ କ୍ଷମା କରି ମଣିଷ କରନ୍ତୁ । ସେଇ ମୋର ଗୋଟିଏ ଆଗକୁ ପଛକୁ । ଅତ୍ୟଧିକ ବାତ୍ସଲ୍ୟରେ ମୁଁ ହୁଡ଼ିଥିଲି ବାଟ । ଭୁଲିଥିଲି କର୍ମ ଅକର୍ମ । ମୋତେ କ୍ଷମା କରିଦିଅନ୍ତୁ । ଆପଣଙ୍କ ଇସ୍ତଫା ଫେରେଇ ନିଅନ୍ତୁ ସାର୍ ଦୟାକରି । ନାଇଁତ ମୁଁ କ୍ଷମା କରିପାରିବି ନାହିଁ ନିଜକୁ । ଦୟାକରନ୍ତୁ ଆମ ବାପପୁଅ ଦୁହିଁଙ୍କ ପ୍ରତି। ସା'ର ତାକୁ ତଳୁ ଉଠେଇ ଛାତିରେ ଧରିଲେ ଜାବୁଡି । ବିରାଟ ଗୋଟେ ସମସ୍ୟା ଆପୋଷରେ ସମାଧାନ ହେଇଥିବାରୁ ବିଇଓ ପାଉଥିଲେ ଆତ୍ମ ସନ୍ତୁଷ୍ଟି।


+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫

## ଆଇନ ସଚେତନତା ଶିବିର

ବଲାଙ୍ଗିର, ୨/୨ (ନି.ପ୍ର): ସ୍ଥାନୀୟ ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରର ବିଷୟ ବସ୍ତୁ ଥିଲା "ଯୌନ ନିର୍ଯ୍ୟାତନା ଏବଂ ସୋସିଆଲ ମିଡିଆର ସୁରକ୍ଷା ଓ ବ୍ୟବହାର" । ଏହି ଶିବିରରେ ମୁଖ୍ୟବକ୍ତା ଭାବେ ଫ୍ୟାମିଲି ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ, ସମ୍ମାନିତ ଅତିଥି ଅତିରିକ୍ତ ଆରକ୍ଷୀ ଅଧିକାରୀ ହିମାଂଶୁ ବେହେରା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ଜଜ୍ ପବିତ୍ରାନନ୍ଦ ପ୍ରଧାନ, ଆଇନ ମହାବିଦ୍ୟାଳୟର ଅଧକ୍ଷ ସଞ୍ଜିବ କୁମାର ପ୍ରଧାନ ମଂଚାସୀନ ଥିଲେ ।

## ସରୁନି ମେଗା ଜଳ ପ୍ରକଳ୍ପ ନିର୍ମାଣ କାମ: ମନ୍ଥର ଗତିରେ ଚାଲିଛି

ଜୟପୁର, ୨/୨ (ନି.ପ୍ର): ବର୍ଷ ପରେ ବର୍ଷ ବିତୁଛି, ତଥାପି ସରୁନି ମେଗା ଜଳ ପ୍ରକଳ୍ପ ନିର୍ମାଣ କାମ । ଘରେ ଘରେ ବିଶୁଦ୍ଧ ପାନୀୟ ଜଳ ପହଂଚିବ ଏଥିପାଇଁ ଆରମ୍ଭ ହେଲା ମେଗା ଜଳ ପ୍ରକଳ୍ପ ନିର୍ମାଣ କାମ । ଏକ ଘରୋଇ କଂପାନୀ ଠିକା ନେଇଥିବା ବେଳେ ପାଂଚ ବର୍ଷ ବିତିଲା ତଥାପି ଆଜି ପର୍ଯ୍ୟନ୍ତ ସରିଲା ନାହିଁ ପ୍ରକଳ୍ପ ନିର୍ମାଣ । ଯାହାକୁ ନେଇ ବଢ଼ିଛି ଜନ ଅସନ୍ତୋଷ । ଏନେଇ ଆନ୍ଦୋଳନ ଚେତାବନୀ ଦେଇଛି ସରପଂଚ ସଂଘ । ଘରେ ଘରେ ପହଂଚିବ ପାଣି । ଲୋକଙ୍କର ଜଳ ସଙ୍କଟ ଦୂର ହେବ । ଏହି ଲକ୍ଷ୍ୟ ନେଇ କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକର ୧୮ ଟି ପଂଚାୟତର ୨୮୨୫୦ ପରିବାର ପାଇଁ ମହୁଲି ପଂଚାୟତର ପେଟା ଘାଟିରେ ମେଗା ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିପାଇଁ ୧୬୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ନିର୍ମାଣ କାର୍ଯ୍ୟ ଆରମ୍ଭକୁ ପାଂଚ ବର୍ଷ ବିତିଲା ତଥାପି ଆଜି ପର୍ଯ୍ୟନ୍ତ କାମ ସରିଲା ନାହିଁ । କେଉଁଠି ଟାଙ୍କି କାମ ଅଧା ନିର୍ମାଣ ହୋଇଛି ତ ଆଉ କେଉଁଠି ପମ୍ପ ଗୃହ କାମ ଅଧପନ୍ତରିଆ ହୋଇ ପଡିରହିଛି । ପାଣି ଯାଂଚ୍ କାମ ମଧ ଆଜି ପର୍ଯ୍ୟନ୍ତ ସରିପାରିଲା ନାହିଁ । ଯାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । କେବେ ମିଳିବ ବିଶୁଦ୍ଧ ପାଣି ତାହାକୁ ନେଇ ପ୍ରଶ୍ନ କରିଛନ୍ତି ଲୋକେ। ବୈପାରୀଗୁଡା ବ୍ଲକର ବିଭିନ୍ନ ପଂଚାୟତରେ ପାଣି ସମସ୍ୟା ରହିଛି । ଅଧିକାଂଶ ଗାଁ ରେ ପାନୀୟ ଜଳର ସୁବିଧା ନ ଥିବାରୁ କିଏ ନଦୀରୁ ପାଣି ଆଣୁଛି ତ ଆଉ କିଏ ଚୁଆରୁ ଗୋଳିଆ ପାଣି ଆଣୁଛି । ଦୂଷିତ ପାଣି ପିଇ ଅନେକ ଲୋକ ବିଭିନ୍ନ ରୋଗରେ ପଡୁଛନ୍ତି । ଏନେଇ ବ୍ଲକର ସମସ୍ତ ସରପଂଚ ଏବଂ ଜିଲ୍ଲା ପରିଷଦ ସଭ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏନେଇ ବୈପାରୀଗୁଡା ସରପଂଚ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବୀ ପତ୍ର ଦିଆଯାଇଛି । ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ସରପଂଚ ସଂଘ ସଭାପତି । ଟେଣ୍ଡର ଅନୁସାରେ, ସେପଟ୍ଟେମ୍ବର ୨୦୨୨ ସୁଦ୍ଧା ନିର୍ମାଣ କାର୍ଯ୍ୟ ସରିବା ସହ ଜଳ ଯୋଗାଣ ହେବାର ଥିଲା । ବ୍ଲକର ମୋଟ ଏକ ଲକ୍ଷ ୩୫ ହଜାର ଲୋକଙ୍କ ପାଇଁ ୧୭ ଟି ଟାଙ୍କି ନିର୍ମାଣ ହେବାକୁ ଥିବାବେଳେ ଦଶଟି ଟାଙ୍କି କାମ ସାରିଛି ଆଉ ସାତୋଟି ଟାଙ୍କି ନିର୍ମାଣ କାମ ସରିନି । ଘର ଘର ପାଇପ ବିଛେଇବା କାମ ମଧ ଶେଷ ହୋଇନାହିଁ । ହେଲେ ମେଗା ପନୀୟ ଜଳ ଯୋଗାଣକୁ ନେଇ ଅଂଚଳବାସୀ ଚିନ୍ତାରେ ଥିବା ବେଳେ କୋରାପୁଟ ଜିଲ୍ଲାପାଳ ଭି. କୀର୍ତି ଭାସନ କହିଛନ୍ତି କୋରାପୁଟର ବରିଗୁମ୍ମା ଠାରେ ଟ୍ରାଏଲ ବେସିସରେ କାମ ଆରମ୍ଭ ହୋଇଛି ଅତି ଶୀଘ୍ର ସମସ୍ତ ଗାଁ ଗହଳିରେ ବିଶୁଦ୍ଧ ପାଣି ଯୋଗାଇ ଦିଆଯିବ ।

## ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଓ ସ୍ମରଣିକା ଉନ୍ମୋଚିତ

କେନ୍ଦ୍ରାପଡ଼ା, ୨/୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଜଳ ଯୋଗାଣ ଶ୍ରମିକ କର୍ମଚାରୀମାନ ଙ୍କର ପ୍ରିୟ ନେତା ତଥା ରାଜ୍ୟ ସଭାପତି ଏବଂ ରାଜ୍ୟ ସରକାରୀ କର୍ମଚାରୀ ସମନ୍ବୟ ସମିତିର ରାଜ୍ୟ ସଭାପତି ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମହାନ୍ତି ସରକାରୀ ଚାକିରିରୁ ଗତ ଜାନୁୟାରୀ ୩୧ ତାରିଖ ଦିନ ଅବସର ନେବା ପରିପ୍ରେକ୍ଷୀ ରେ ଆଜି ସ୍ଥାନୀୟ କେନ୍ଦ୍ରାପଡ଼ା ଜିଲ୍ଲା ପାନୀୟଜଳ ଯୋଗାଣ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ପରିସରରେ ଏକ ବର୍ଣ୍ୟତ ସମାରୋହ ରେ ମୁଖ୍ୟ ଅତିଥି ଶ୍ରୀ ମହାନ୍ତିଙ୍କୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ପୂର୍ବତନ ବିଧାୟକ,ପ୍ରଭାତ ରଞ୍ଜନ ବିଶ୍ୱାଳ,ବରିଷ୍ଠ ଇଂଜିନିୟର ବସନ୍ତ କୁମାର ସେନାପତି, ଜନସ୍ୱାସ୍ଥ୍ୟ ବିଭାଗର ସର୍ବୋଚ୍ଚଯନ୍ତ୍ରି ଇଂଜିନିୟର ରତିନ୍ଦ୍ର କୁମାର ମଲ୍ଲିକ, ଅଧକ୍ଷଯନ୍ତ୍ରୀ ଇଂ ଅଜୟ କୁମାର ବେହେରା , ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ କୁମାର ବେହେରା,ଯାନ୍ତ୍ରିକ ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ମୁଦୁଲି,କାର୍ଯ୍ୟକାରୀ ସଭାପତି ଅଶୀଳ କୁମାର ବ୍ରହ୍ମ ରାଜ୍ୟ ସମ୍ପାଦକ ସୂଜିତି କୁମାର ନାୟକ,କେନ୍ଦ୍ରାପଡ଼ା ଯାନ୍ତ୍ରିକ ସଂଘର ସଂପାଦକ ସୁଶାନ୍ତ କୁମାର ନାୟକ,ଶ୍ରୀ ମହାନ୍ତିଙ୍କ ର ଶୃଙ୍ଖଳିତ ଚାକିରିକାଳ ରେ ଏବଂ କର୍ମଚାରି ମାନଙ୍କ ନେତୃତ୍ୱ ନେବାରେ ଏକ ନିଷ୍ଠାପର କର୍ମ ଦକ୍ଷତାର ଭୂର୍ଣି ପ୍ରଶଂସା କରିଥିଲେ।ଏବଂ କେନ୍ଦ୍ରାପଡ଼ା ର ସମସ୍ତ କର୍ମଚାରୀ ଶ୍ରୀ ମହାନ୍ତିଙ୍କୁ କର୍ମଚାରି ସେବା ସାଧକ ଭାବରେ ସମସ୍ତ ଅତିଥିମାନେ ପରିଚିତ କରାଇବା ସହିତ ଏବଂ ସ୍ୱତନ୍ତ୍ର ସ୍ମରଣିକା 'କର୍ମ ଚାରି ସେବା ସାଧକ' ମାନ୍ୟବର କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ କରକମଳ ରେ ଉନ୍ମଚନ୍ ହୋଇଯାଇଛି।ଶ୍ରୀ ପ୍ରଶାନ୍ତ ମହାନ୍ତି ଅନ୍ତର ର ସହ ସମସ୍ତଙ୍କୁ ଧନ୍ୟବାଦ୍ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଚାଲିଚାଲି ଭାରତ ଭ୍ରମଣରେ ଥିବା ଦୁଇ ଯୁବକ ନୀଳଗିରିରେ ପହଞ୍ଚି କଲେ ଜଗନ୍ନାଥ ଦର୍ଶନ



ନୀଳଗିରି, ୨/୨ (ନି.ପ୍ର): ଦୁଇଜଣ ଯୁବକ ପାଦରେ ଚାଲିଚାଲି କରୁଛନ୍ତି ଭାରତ ଭ୍ରମଣ। କଲିକତା ମେଦିନୀପୁର ଅଞ୍ଚଳର ବିଶ୍ୱଜିତ ଦାସ ଓ କୈଳାସ ସରକାର ଗତ ଜାନୁଆରି ୫ ତାରିଖ ଠାରୁ ଚାଲିଚାଲି ଭାରତ ଭ୍ରମଣରେ ବାହାରିଛନ୍ତି । ସଂପୃକ୍ତ ଯୁବକମାନେ ପ୍ରଥମେ ପଶ୍ଚିମବଙ୍ଗ ନଦିଆରୁ ତାଙ୍କର ଯାତ୍ରାଆରମ୍ଭ କରି କାନ୍ଧରେ ବ୍ୟାଗ ଓ ତ୍ରିରଙ୍ଗା ପତାକା ଧରି ଚାଲିଚାଲି ଭାରତର ୧୦ ଜ୍ୟୋର୍ତିଲିଙ୍ଗ ସମେତ ତିନିଧାମ ଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି। ପଦଯାତ୍ରାର ଉଦ୍ଦେଶ୍ୟ ସନାତନ ଧର୍ମର ପ୍ରଚାର ପ୍ରସାର ସହିତ ହିନ୍ଦୁଧର୍ମର ସୁରକ୍ଷା ପ୍ରଦାନ କରିବା ସହିତ ଜଙ୍ଗଲ ଓ ପରିବେଶକୁ ବଞ୍ଚାଇ ରଖିବା ଲକ୍ଷ୍ୟରେ ଯୁବକଙ୍କର ଏହି ଭାରତ ଭ୍ରମଣ। ଏହିକ୍ରମରେ ପଶ୍ଚିମବଙ୍ଗ, ପରେ ଓଡ଼ିଶାରେ ପହଞ୍ଚି ଜଳେଶ୍ୱର ହୋଇ ଶନିବାର ସନ୍ଧ୍ୟା ସମୟରେ ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ରରେ ଜଗନ୍ନାଥ ଦର୍ଶନ ପାଇଁ ଆସି ପହଞ୍ଚିଥିଲେ। ପରେ ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବ ପୀଠ ପଞ୍ଚଲିଙ୍ଗେଶ୍ୱରେ ରମଣୀୟ ପ୍ରାକୃତିକ ପରିବେଶରେ, ଚିରସ୍ରୋତା ଝରଣାରେ, ନୀର ଶଯ୍ୟାରେ ବିଜେ ମହାଦେବଙ୍କୁ ପୂଜାର୍ଚ୍ଚନା ସାରି ପୁରୀ ହୋଇ ରାମେଶ୍ୱରମ୍, ଦାରୋକା, କନ୍ୟାକୁମାରୀ ବାଗେଶ୍ୱର ଧାମରେ ଦେଵବର୍ଷ ମନ୍ଦରେ ପହଞ୍ଚିବେ।

## ଜଙ୍ଗଲ ନିଆଁରୁ ରକ୍ଷା ପାଇଁ ସଚେତନତା କର୍ମଶାଳା

ମାଲକାନଗିରି , ୨/୨ (ନି.ପ୍ର): ମାଲକାନଗିରି ବନାଂଚଳ ପରିସରରେ ଜଙ୍ଗଲ ନିଆଁ ଦାଉରୁ ରକ୍ଷା ନିମନ୍ତେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ପ୍ରିୟଙ୍କା ମହୁକା, ଉପବନାଂଚଳ ଅଧିକାରୀ ବାଣୀଶ୍ରୀ ମନୋସ୍ୱିନି ଦେବୀ, ଅଗ୍ନିଶମ ଅଧିକାରୀ ସୁନୀଲ ନାୟକ ପ୍ରମୁଖ ଯୋଗଦେଇଥିବା ବେଳେ ମାଲକାନଗିରି ବନାଂଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ। ଗ୍ରୀଷ୍ମ ଋତୁ ଆସି ଲେ ବିଶେଷ କରି ଜଙ୍ଗଲ ରେ ନିଆଁ ଲାଗି ବହୁ ମୂଲ୍ୟବାନ ବୃକ୍ଷ ଲତା ଧ୍ୱଂସ ହୋଇଥାଏ। ତତ୍ ସହିତ ବନ୍ୟପ୍ରାଣୀମାନେ ଜଙ୍ଗଲ ରେ ନିଆଁ ଲାଗିବା ଫଳରେ ବିପଦ ସମ୍ମୁଖୀନ ହୁଅନ୍ତି। ଏବଂ ପ୍ରାଣ ବିକଳରେ ଜନବସତି ଆଡ଼କୁ ମାଡି ଆସି ହିଂସ୍ର ପଶୁ ଏବଂ ମନୁଷ୍ୟ ମଧରେ ଆକ୍ରମଣ ଓ ପ୍ରତିଆକର୍ମଣ ସ୍ୱରୁପ ରକ୍ତା ସଂଘର୍ଷ ହୋଇଥାଏ। ଏଣୁ ଏହି ଜଙ୍ଗଲ ନିଆଁ କୁ କିପରି ନିର୍ବାପିତ କରାଯିବ ଆଲୋଚନା କରାଯାଇଥିବା ବେଳେ ବେଂଚ ଶିକାରକୁ କିପରି ବନ୍ଦ କରାଯାଇ ପାରିବ ସଚେତନ କରାଯାଇଥିଲା। ଏହି କର୍ମଶାଳାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ,ବନ ସୁରକ୍ଷା ସମିତି , ସମସ୍ତ ବନ କର୍ମଚାରୀ,ପାରା ଷ୍ଟାଫ୍, ଫାୟାର ସ୍କୁଆର୍ଡ, ଓ୍ୱାଇଲ୍ଡ ଲାଇଫ୍ ସ୍କୁଆର୍ଡ ଯୋଗ ଦେଇଥିଲେ।

## ସେଲ୍, ଆରଏସପି ଦ୍ୱାରା ସିଏସଆର ପ୍ରୟାସ ଅଧୀନରେ ଭାଲୁଲତା ଗ୍ରାମରେ ଶ୍ମଶାନ ଘାଟ ସୁବିଧା ନିର୍ମାଣ



ରାଉରକେଲା, ୨/୨ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ପଦକ୍ଷେପ ଅଧୀନରେ ବିସ୍ରା ବ୍ଲକର ଭାଲୁଲତା ଗ୍ରାମରେ ଗୋଷ୍ଠୀ କଲ୍ୟାଣ କକ୍ଷେ ଏକ ଶ୍ମଶାନ ଘାଟ ସୁବିଧା ନିର୍ମାଣ ସହିତ ଆଉ ଏକ ଅଧ୍ୟାୟ ଯୋଡିଛି।

ଆରଏସପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର ଜାନୁଆରୀ ୨୧ ତାରିଖରେ ଏହି ସୁବିଧାର ଉଦଘାଟନ କରି ଏହାକୁ ଲୋକଙ୍କ ସେବା ପାଇଁ ଉତ୍ସର୍ଗ କରିଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ ଶ୍ରୀ ବି କେ ଜୋଜୋ, ସିଏସଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର, ସିଏସଆର ବିଭାଗର ଜିଏମ ଶ୍ରୀ ବିଭାବସୁ ମଲ୍ଲିକ, ଏଜିଏମ ଶ୍ରୀ ଟି ବି ଟପ୍ପୋ ଏବଂ ଶ୍ରୀ ଏ ଏନ ପତି ଉପସ୍ଥିତ ଥିଲେ। ଭାଲୁଲତାର ସରପଞ୍ଚ ଶ୍ରୀ ବିଚା ମିଞ୍ଜ୍ ଏବଂ ଜିଲ୍ଲା ପରିଷଦ ସଦସ୍ୟ ସୁନୀତା ମିଞ୍ଜ୍ ଙ୍କ ଭଳି ସମ୍ପ୍ରଦାୟ ନେତାମାନେ ମଧ ଏହି ଅବସରରେ ଉପସ୍ଥିତ ଥିଲେ। ଉଦଘାଟନ ଉତ୍ସବରେ ବହୁ ସଂଖ୍ୟକ ଗ୍ରାମବାସୀ ଯୋଗ ଦେଇଥିଲେ ଯେଉଁମାନେ ଏହି ସୁବିଧାର ପ୍ରତୀକ୍ଷାରେ ଥିଲେ।

୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଶ୍ମଶାନରେ ଚିତା ଜାଳିବା ପାଇଁ ଏକ କଂକ୍ରିଟ୍ ଛାତ ପ୍ଲାଟଫର୍ମ, ବେଞ୍ଚ ସହିତ ସଜ୍ଜିତ ଏକ ଖୋଲା ବିଶ୍ରାମସ୍ଥଳ ଏବଂ ଶେଷକୃତ୍ୟ ଓ ପୂଜାପାଠ ପାଇଁ ନଦୀ ନିକଟରେ ଘାଟ ରହିଛି। ଏହି ସୁବିଧା ବିସ୍ରା ବ୍ଲକର ୧୪ଟି ପଞ୍ଚାୟତର ବାସିନ୍ଦାଙ୍କୁ ଲାଭ ଦେବ, ଯାହା ସମ୍ପ୍ରଦାୟ ପାଇଁ ଏକ ଅତ୍ୟାବଶ୍ୟକ ଭିତ୍ତିଭୂମି ପ୍ରଦାନ କରିବ। ଏହି ଶ୍ମଶାନ ସ୍ଥାନୀୟ ଲୋକଙ୍କର ଦୀର୍ଘକାଳୀନ ଆବଶ୍ୟକତାକୁ ପୂରଣ କରିବ, ବିଶେଷକରି ଗ୍ରାମାଞ୍ଚଳରେ ଯେଉଁଠାରେ ଶେଷକୃତ୍ୟ ପାଇଁ ଉପଯୁକ୍ତ ସୁବିଧାର ଅଭାବ ରହିଛି। ଅଞ୍ଚଳର ଜୀବନଶୈଳୀ ଏବଂ ଭିତ୍ତିଭୂମିକୁ ଉନ୍ନତ କରି, ଆରଏସପି ଅଞ୍ଚଳର ସାମଗ୍ରିକ ସାମାଜିକ-ଅର୍ଥନୈତିକ ବିକାଶରେ ଅବଦାନ ଦେଇଛି, ଯାହା ଏକ ଦାୟିତ୍ୱବାନ କର୍ପୋରେଟ୍ ନାଗରିକ ଭାବରେ କମ୍ପାନୀର ସ୍ଥିତିକୁ ସମର୍ଥନ କରୁଛି।

## ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରାକ୍ଲବ୍ କ୍ରିକେଟ: ଖୋର୍ଦ୍ଧା କ୍ରିକେଟ କ୍ଲବ୍‌ର ବୃହତ୍ ବିଜୟୀ

ଖୋର୍ଦ୍ଧା, ୨/୨ (ନି.ପ୍ର): ଓଡ଼ିଶା କ୍ରିକେଟ ଆସୋସିଏସନ୍ ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବି ଜେ ବି ହାଇସ୍କୁଲ ପଡିଆ ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଅନୁକୁଲ୍ୟ ରେ ଦଶମ ଦିବସ ଖେଳରେ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ଜଟଣୀ କ୍ରିକେଟ ଏକାଡେମୀ କୁ ୨୪୦ ରନ୍ ରେ ପରାସ୍ତ କରିଛି। ଟସ୍ ରେ ବିଜୟ ହୋଇ ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂ କରି ୪୦ ଓଭର ରେ ସମସ୍ତ ଓ୍ୱିକେଟ୍ ହରାଇ ମାତ୍ର ୨୯୦ ରନ କରିଥିଲେ। ଦଳ ପକ୍ଷରୁ ପ୍ରତ୍ୟୁଷ ମହାନ୍ତି ୧୩୦ ରନ୍, ପୀୟୁଷ ବଳିଆରସିଁ ୨୯ ରନ୍ କରିଥିଲେ।ଜବାବରେ ଜଟଣୀ ଦଳ ୨୦ ଓଭର ରେ ସମସ୍ତ ଓ୍ୱିକେଟ୍ ହରାଇ ମାତ୍ର ୫୦ ରନ୍ କରିଥିଲେ। ଖୋର୍ଦ୍ଧା ପକ୍ଷରୁ ପୀୟୂଷ ଓ ଓମ୍ ନାରାୟଣ ପ୍ରତ୍ୟେକ ୪ ଟି ଓ୍ୱିକେଟ ସଂଗ୍ରହ କରିଥିଲେ। ଖେଳକୁ ପ୍ରିତିରଞ୍ଜନ ବିଜୟଶିଂ ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱ ରେ ଥିଲେ। ବ୍ରିଜେଶ ପ୍ରଧାନ ମ୍ୟାଚ୍ ରେଫରି ଏବଂ ସୁଧିର ସାହୁ ଏହି ମ୍ୟାଚ୍ ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ। ୦୨/୦୨/୨୫ ରେ ରାଇଯିଙ୍ଗଷ୍ଟାର କ୍ଲବ୍ ବନାମ କେ ଟି ଗ୍ଲୋବାଲ କ୍ଲବ୍ ମଧରେ ମ୍ୟାଚ୍ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।

## ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ କପିଳାସ ପୀଠରେ ମହା ଶିବରାତ୍ରି ନିମନ୍ତେ ପ୍ରସ୍ତୁତି ବୈଠକ

ଭୁବନ, ୨/୨ (ନି.ପ୍ର): ଆରାଧ ଦେବତା ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ର ଶେଖର ଜୀଉଙ୍କ କପିଳାସ ପୀଠରେ ଆସନ୍ତା ୨୬. ୦୨. ୨୦୨୫ ରିଖ ବୁଧବାର ମହାଶିବରାତ୍ରୀ ନିମନ୍ତେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସୋମେଶ କୁମାର ଉପାଧ୍ୟାୟ ବୈଠକରେ ଅଧକ୍ଷତା କରି ଜାଗର ଯାତ୍ରାରେ ଯେପରି କୌଣସି ଅଘଟଣ ନ ଘଟେ ସେଥିପ୍ରତି ବିଭାଗୀୟ ଅଧିକାରୀ ମାନେ ବିଶେଷ ଗୁରୁତ୍ୱ ଦେବାକୁ କହିଥିଲେ । ଯାତ୍ରୀମାନଙ୍କ ନିରାପତା, ଗହଳି ନିୟନ୍ତ୍ରଣ ଏବଂ ପୀଠରେ ସ୍ୱଚ୍ଛତା ପ୍ରତି ସଜାଗ ରହିବାକୁ ସେ ପରାମର୍ଶ ଦେଇଥିଲେ । ଆଇନ୍ ଶୃଙ୍ଖଳା ବଜାୟ ରଖିବା ପାଇଁ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଭିନବ ସୋନକର, ବିନା ପାସ୍ ରେ କୌଣସି ଯାନବାହନକୁ ପୀଠକୁ ଯିବାକୁ ଅନୁମତି ଦିଆଯିବ ନାହିଁ ବୋଲି ସେ ସୂଚନା ଦେଇଥିଲେ । ରାଜପୁରୋଧା ପଂଚାନନ ମିଶ୍ରଙ୍କ ଗଣନା କ୍ରମେ ରାତ୍ର ୩ଟା ୫୫ ଠାରୁ ବେଢ଼ା ପୂଜା, ପରିକ୍ରମା ଓ ମହାଦୀପ ଉଠାଣ କାର୍ଯ୍ୟ ରାତ୍ର ୪ଟା ୨୦ ମିନିଟ୍ ମଧ୍ୟେ ଶେଷ ହେବ ବୋଲି ଜଣା ଯାଇଛି । ବୈଠକରେ ମନ୍ଦିର ପରିସର ଆଲୋକସଜ୍ଜା, ଯାତ୍ରୀମାନଙ୍କ ନିମନ୍ତେ ଜଳ ଯୋଗାଣ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଯାନବାହାନ ନିୟନ୍ତ୍ରଣ, ଦୋକାନ ବଜାର ନିମନ୍ତେ ସ୍ଥାନ ନିରୂପଣ, ପୀଠର ପରିଷ୍କାର ପରିଚ୍ଛନ୍ନତା, ସର୍ପାଦି ପ୍ରତି ପ୍ରତିକାର ବ୍ୟବସ୍ଥା, ଆଶୁ ଚିକିତ୍ସା ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା ଆଦି ସଂପର୍କରେ ଆଲୋଚନା ହୋଇଥିଲା ।

## ଟିକଟ କେନସେଲ ନାମରେ ଠକେଇର ଶିକାର

ଜୟପୁର, ୨/୨ (ନି.ପ୍ର): ଟ୍ରେନ ଟିକଟ କେନସଲ ନାମରେ ୧୪ ହଜାର ୫ଶହ ଟଙ୍କା ଠକେଇ ହୋଇଥିବା ନେଇ ଆଜି ଟାଉନଥାନାରେ ଅଭିଯୋଗ ହୋଇଛି। ସ୍ଥାନୀୟ ଉମୁରୀ ଅଂଚଳର ଜଗଦୀଶ ପାଢୀ ନିଜ ଟ୍ରେନ ଟିକଟ ଫେରସ୍ତ କରିବାରେ ବିଳମ୍ବ ହେବା ବିଷୟ ନେଇ ଟିକଟ କେନସେଲ ସାଇଟ ରେ ଗୋଟିଏ ନମ୍ବର କୁ କଲ କରିଥିଲେ। ସେ କଷ୍ଟମର କେୟାର ତରଫରୁ ଜଗଦୀଶଙ୍କ ହ୍ୱାଟ୍ସଅପରେ ଟିକଟ କେନସଲ ଆପ ପଠେଇଥିଲେ। ଆପରେ ପିଏନଆର ନମ୍ବର, ଦିନ ଏବଂ ଫେରସ୍ତ ଟଙ୍କ ଲେଖିବା ପରେ ଆକାଉଂଟରୁ ୧୪୦୦୦ ଟଙ୍କା କଟିଯାଇଥିଲା। ପରେ ପରେ ପୁଣି ୫୦୦ ଟଙ୍କା କଟିଥିଲା। ଏବଂ ଏକ ଇକମ ଆଇଡିରୁ ମେସେଜ ଆସିଥିଲା। ଏଣୁ ସାଇବର କ୍ରାଇମ ହୋଇଥିବା ନେଇ ଆଜି ଜଗଦୀଶ ଟାଉନଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ସେଲ୍, ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍ -୨ ଦ୍ୱାରା ଶ୍ରେଷ୍ଠ ମାସିକ ଉତ୍ପାଦନ ରେକର୍ଡ ସହିତ ନୂତନ କ୍ୟାଲେଣ୍ଡରର ବର୍ଷର ଶୁଭାରମ୍ଭ

ରାଉରକେଲା, ୨/୨ (ନି.ପ୍ର): ସେଲ୍ ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍ -୨ (ଏଚଏସଏମ-୨), ବିଭାଗ ୨୦୨୫ ଜାନୁଆରୀ ମାସରେ ନୂତନ ରେକର୍ଡ ସ୍ଥାପନ ସହ ସ୍ଲାବ୍ ଓଜନ ଏବଂ କଏଲ୍ ଓଜନ ଦୃଷ୍ଟିରୁ ଶ୍ରେଷ୍ଠ ମାସିକ ଉତ୍ପାଦନ ହାସଲ କରିଛି। ଏହି ମାସ ରେ ମିଲ୍ ୨,୫୩,୬୮୦ ଟନ୍ ସ୍ଲାବ୍ ରୋଲିଙ୍ଗ ପୂର୍ବକ ୨,୪୭,୪୯୩ ଟନ୍ କଏଲ୍ ଉତ୍ପାଦନ କରିଛି ଯାହା ଅକ୍ଟୋବର ୨୦୨୪ ରେ ରେକର୍ଡ ହୋଇଥିବା ଏହାର ପୂର୍ବ ଶ୍ରେଷ୍ଠ ୨,୩୯,୩୨୦ ଟନ୍ ସ୍ଲାବ୍ ରୋଲିଙ୍ଗ ଏବଂ ୨,୩୨,୯୩୪ ଟନ୍ କଏଲ୍ ଉତ୍ପାଦନ କୁ ଅତିକ୍ରମ କରିଛି । ଚାଲାଣ କ୍ଷେତ୍ରରେ ମଧ ମିଲ ୨୬୪୮୭ ଟନ ଏଚଆର ପ୍ଲେଟ ଉତ୍ପାଦନ ସହ ଶ୍ରେଷ୍ଠ ମାସିକ ଏଚଆର ପ୍ଲେଟ ଉତ୍ପାଦନ ତଥା ସାମଗ୍ରିକ ରୂପେ ୨୧୪୮୩୫ ଟନ ଏଚଆର କଏଲ ଓ ପ୍ଲେଟ ଉତ୍ପାଦନ ସହ ଶ୍ରେଷ୍ଠ ମାସିକ ଚାଲାଣର ରେକର୍ଡ ହାସଲ ହୋଇଛି।

ଆହୁରି ମଧ ଜାନୁଆରୀ ମାସ ରେ, ସିଅରିଂ ଟନେଜ୍ ୩୦,୦୧୧ ଟନ୍ କଏଲ୍ ଏବଂ ୨୮,୩୯୯ ଟନ୍ ପାଇଲ୍ ଟନେଜ୍ ଉତ୍ପାଦନ ସହ ସିଟ୍ ସିଅରିଂ ଲାଇନରେ ନୂତନ ମାସିକ ରେକର୍ଡ ସୃଷ୍ଟି ହୋଇଛି। ଏହା ୨୦୨୪ ଅଗଷ୍ଟ ରେ ହାସଲ ହୋଇ ଥିବା ୨୬୪୬୬ ଟନ୍ କଏଲ ଏବଂ ୨୬୪୮୭ ଟନ୍ ପାଇଲ୍ ଟନେଜ୍ ଉତ୍ପାଦନର ପୂର୍ବ ଶ୍ରେଷ୍ଠ ଉତ୍ପାଦନକୁ ଅତିକ୍ରମ କରିଛି।

ଏହି ଉଲ୍ଲେଖନୀୟ ସଫଳତା ନିମନ୍ତେ ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା। ଏଚଏସଏମ-୨ ବିଭାଗ ପରିଦର୍ଶନ କରିବା ସହିତ ସମ୍ପୃକ୍ତ ଦଳଙ୍କୁ ଅଭିନନ୍ଦନ ଜଣାଇଥିଲେ। ତାଙ୍କ ସହିତ ମାନବ ସମ୍ବଳ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱ ରଞ୍ଜନ ପଲାଇ, ପ୍ରକଳ୍ପ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୁଦୀପ ପାଲ ଚୌଧୁରୀ ଏବଂ ବିକ୍ରୟ ଓ ଏସ ଆର ଏମ ବିଭାଗ ର ସି ଜି ଏମ ଶ୍ରୀ ସିଦ୍ଧାର୍ଥ ବାନାର୍ଜୀ ଉପସ୍ଥିତ ଥିଲେ। ଏହି ଅବସରରେ ବହୁ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏଚଏସଏମ- ୨ ଓ ଆନୁଷଙ୍ଗିକ ବିଭାଗର ସିଜିଏମ ଶ୍ରୀ ସୁବ୍ରତ କୁମାର ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଏହି ସଫଳତାର ଆଧାର ବିଷୟରେ ସୂଚନା ଦେଇଥିଲେ ।

ଶ୍ରୀ ବର୍ମା ଏଚଏସଏମ-୨ ବିଭାଗ ର ଉଲ୍ଲେଖନୀୟ ସଫଳତା ପାଇଁ ନିଜର ଖୁସି ବ୍ୟକ୍ତ କରିବା ସହିତ ସମସ୍ତ ସହାୟକ ବିଭାଗର ସମନ୍ୱୟ, ଦଳଗତ କାର୍ଯ୍ୟ ଏବଂ ଉତ୍ସର୍ଗଭାବକୁ ପ୍ରଶଂସା କରିଥିଲେ। ଉଚ୍ଚ ଲକ୍ଷ୍ୟ ହାସଲ କରିବା ନିମନ୍ତେ ସେ ସେମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ସାମୂହିକ କ୍ଷମତା ଉପରେ ବିଶ୍ୱାସ ପ୍ରକାଶ କରିଥିଲେ । ସେ ଏପରି ସଫଳତା ଲାଭଦାୟକତା ଏବଂ ସାମଗ୍ରିକ ଅଭିବୃଦ୍ଧି ସହିତ ସିଧାସଳଖ ଜଡିତ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀ ତରୁଣ ମିଶ୍ର ନିଜର ବକ୍ତବ୍ୟରେ ବିଭାଗ ଆଗାମୀ ମାସଗୁଡ଼ିକ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ମଧ ହାସଲ କରାପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଶ୍ରୀ ବିଶ୍ୱରଞ୍ଜନ ପଲାଇ ସିଟ୍ ସିୟରିଂ ଲାଇନର ରେକର୍ଡକୁ ପ୍ରଶଂସା କରିବା ସହିତ ଆରଏସପି ର ଏଚଏସଏମ ବିଭାଗ କୁ ସଫଳତାର ମଶାଲବାହକ ରୂପରେ ବର୍ଣ୍ଣନା କରିଥିଲେ। ଶ୍ରୀ ସୁଦୀପ ପାଲ ଚୌଧୁରୀ, ରକ୍ଷଣାବେକ୍ଷଣ ଏବଂ ସହାୟତା ବିଭାଗଗୁଡ଼ିକର ଉତ୍କୃଷ୍ଟ ପ୍ରଦର୍ଶନ ଉପରେ ଆଲୋକପାତ କରି ସୁଗମ କାର୍ଯ୍ୟ ସୁନିଶ୍ଚିତ କରିବାରେ ଉକ୍ତ ବିଭାଗ ର ଗୁରୁତ୍ୱପୂର୍ଣ୍ଣ ଭୂମିକାର ପ୍ରଶଂସା କରିଥିଲେ। ଶ୍ରୀ ସିଦ୍ଧାର୍ଥ ବାନାର୍ଜୀ ଏଚଏସଏମ-୨ ବିଭାଗକୁ ପ୍ରଶଂସା କରି କହିଥିଲେ ଯେ ଏହି ବିଭାଗ ଏକ ସଫଳତା ର ନୂତନ ରେକର୍ଡ ସ୍ଥାପନ କରିଛି ଯାହା ଭବିଷ୍ୟତର ଉନ୍ନତି ପାଇଁ ପଥ ସୁଗମ କରିବ । ଏହି ସଫଳତାରେ ଜଡ଼ିତ ଥିବା ପ୍ରମୁଖ ବିଭାଗଗୁଡ଼ିକ ହେଉଛି, ଉତ୍ପାଦନ ଯୋଜନା ନିୟନ୍ତ୍ରଣ, ଟ୍ରାଫିକ୍ ଏବଂ କଞ୍ଚାମାଲ, କମ୍ପ୍ୟୁଟର ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା, ଇନସଟ୍ରୁମେଣ୍ଟେସନ ଏବଂ ଅଟୋମେସନ, ଡିଜାଇନ୍, କେନ୍ଦ୍ରୀୟ ଯାନ୍ତ୍ରିକ ଏବଂ ବୈଦ୍ୟୁତିକ, ସପ, ରିସର୍ଚ ଏଣ୍ଡ ଲବରୋଟାରୀ, ରୋଲ୍ ସପ, ଶକ୍ତି ପରିଚାଳନା ବିଭାଗ, ସାମଗ୍ରୀ ପରିଚାଳନା ଏବଂ ଅନ୍ୟ ସହାୟକ ବିଭାଗ।

## ଦିପ୍ତୀ ରଞ୍ଜନ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ : ଫାଇନାଲ ଖେଳରେ ବାଙ୍କୁ ଟାଇଗର ଅରେଇକଣା ଚାମ୍ପିଅନ

ଧର୍ମଶାଳା, ୨/୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତସ୍ଥ ନୂଆକୂଳ ଗ୍ରାମ ଅମରନାଥ କ୍ରିକେଟ୍ ପଡିଆରେ ବଜରଙ୍ଗି କ୍ରିକେଟ କ୍ଲବ ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଦିପ୍ତୀ ରଞ୍ଜନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟ ୮ ଦିନ ଧରି ଚାଲିଥିବା ବେଳେ ମୋଟ ୧୬ଗୋଟି ଟିମ୍ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ଏମ୍‌ସିସିସି ବିରଭାନୁପୁର କ୍ରିକେଟ୍ ଟିମକୁ ୬୧ ରନରେ ପରାସ୍ତ କରି ବାଙ୍କୁ ଟାଇଗର ଅରେଇକଣା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ପ୍ରଥମେ ଟସ୍‌ରେ ଜିତି ଅରେଇକଣା ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୨୧୭ ରନ ସଂଗ୍ରହ କରିଥିଲ । ଦଳ ପକ୍ଷରୁ ଟିଙ୍କୁ କୁମାର ସର୍ବାଧିକ ୨୨ ବଲରୁ ୬୦ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦିଳର ବୋଲର ଜ୍ୟୋତି ପ୍ରକାଶ ୪ ଗୋଟ ଓ୍ୱିକେଟ ଦେଇଥିଲେ । ୨୧୮ରନର ବିଜୟ ଲକ୍ଷ୍ୟ ନେଇ ବିରଭାନୁପୁର ସମସ୍ତ ଓ୍ୱିକେଟ ହରାଇ ୧୫୬ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସୁଜିତ କୁମାର ୨୫ ରନ କରିଥିବା ବେଳେ ବିପକ୍ଷ ଦଳର ବୋଲର ବିକାଶ କୁମାର ୨ଟି ଉଇକେଟ ନେଇଥିଲେ । ଟିଙ୍କୁଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଓ ଜିତେନଙ୍କୁ ସର୍ବଶ୍ରେଷ୍ଠ ଖେଳାଳିଭାବେ ଚୟନ କରାଯାଇଥିଲା । ଫାଇନାଲ ଖେଳକୁ ମନୋଜ ନନ୍ଦ ଓ ଜଗନ୍ନାଥ ଦାସ ପରିଚାଳନାରେ ସହଯୋଗ କରିଥିଲେ । ସ୍କୋରର ଓ ଭାଷ୍ୟକାର ଭାବେ ଚନ୍ଦନ ପାଣିଗ୍ରାହୀ, ପ୍ରମୋଦ ନନ୍ଦ,ଗିରିଜା ଶଙ୍କର ମହାନ୍ତି ଓ ବିଚିତ୍ର କୁମାର ନନ୍ଦ ପ୍ରମୁଖ ସହଯୋଗ କରିଥିଲେ । ଯୁବ ସମାଜସେବୀ ଜୟନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ସମ୍ମାନୀତ ଅତିଥିଭାବେ ମଙ୍ଗଳପୁର ସରପଂଚ ପ୍ରମୋଦ କୁମାର ଜେନା, ଶିକ୍ଷାବିତ୍ ସୁରେଶ ପ୍ରଧାନ ଓ ରବି ନାରାୟଣ ପ୍ରଧାନ ଯୋଗ ଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ସିଲୁ ନନ୍ଦ, ଅମରେଶ ନନ୍ଦ, ଅଶୋକ ନନ୍ଦ,ପ୍ରକାଶ ପ୍ରଧାନ,ବିକ୍ରମ ପରିଡା,ସିଦ୍ଧାନ୍ତ ପରିଡା,ରିଙ୍କୁ ପରିଡା, ପ୍ରିତିଶ କୁମାର ନନ୍ଦ ଓ ଆଶିଶ ନନ୍ଦ ପ୍ରମୁଖ ଟୁର୍ଣ୍ଣାମେଂଟ ପରିଚାଳନାରେ ସହଯୋଗ କରିଥିଲେ ।

## ବୋରିଗୁମ୍ମା ଟ୍ରାଫିକ ଛକଠାରୁ ହାଟପଦା ରାସ୍ତାରେ ଜବରଦଖଲ ଉଚ୍ଛେଦ ଆରମ୍ଭ

ଜୟପୁର, ୨/୨ (ନି.ପ୍ର): ବର୍ଷ ବର୍ଷ ଧରି କରିଥିବା ଅପେକ୍ଷାର ହେଲା ଅନ୍ତ। ବୋରିଗୁମ୍ମା ଟ୍ରାଫିକ ଛକ ଠାରୁ ହାଟପଦା ରାସ୍ତାରେ ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଆରମ୍ଭ କରିଛି ପ୍ରଶାସନ। ଏହି ରାସ୍ତା ଉପରେ ବେଆଇନ ଭାବେ ଘର ଏବଂ ଦୋକାନ କରି ରାସ୍ତାକୁ ସଙ୍କୁଚିତ କରିଦେଇଥିଲେ ଜବର ଦଖଲକାରୀ। ଫଳରେ ଏହି ରାସ୍ତାରେ ଦୈନିକ ଟ୍ରାଫିକ ଜାମ ରହୁଥିଲା। ରୋଗୀକୁ ନେଉଥିବା ଆମ୍ବୁଲାନ୍ସ ବି ଘଂଟା ଘଂଟା ଫସୁଥିବା ନଜାରୀକୁ ଆସିଛି। ବୋରିଗୁମ୍ମା ସହର ବାସୀଙ୍କ ସମେତ ବ୍ଲକ ର ୧୩ଟି ପଂଚାୟତ ବାସୀଙ୍କ ଗମନାଗମନର ମାଧ୍ୟମ ଥିବା ପୂର୍ତ୍ତ ବିଭାଗର ଏହି ରାସ୍ତାରେ ଲୋକେ ବହୁ କଷ୍ଟରେ ଯାତାୟାତ କରୁଥିଲେ।

# ଜଳେଶ୍ୱର ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ଜଳେଶ୍ୱର, ୨/୨ (ନି.ପ୍ର): ମହୋତ୍ସବ ଅଞ୍ଚଳର ଗୌରବ ଗାଥାକୁ ଉଜ୍ଜିବୀତ କରିଥାଏ। ଜଳେଶ୍ୱର ମହୋତ୍ସବ ର ୪ର୍ଥ ସନ୍ଧ୍ୟାରେ ଆୟୋଜିତ ସଭାରେ ବରିଷ୍ଠ ନେତା ସମୀର ପାତ୍ର ସଭାପତିତ୍ୱ କରି ଜଳେଶ୍ୱର ଗୌରବମୟ ଇତିହାସ ସମ୍ପର୍କରେ ଭାଷଣ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଯୋଗ ଦେଇ ପ୍ରତ୍ୟେକ ଶବ୍ଦରେ ବ୍ୟକ୍ତିର ଚେତନା, ଆତ୍ମିକ ଭାବ ପରିପ୍ରକାଶ ହୋଇଥାଏ ବୋଲି କହିଥିଲେ। ଏବଂ ସମସ୍ତେ ଅନ୍ତରାତ୍ମାର ସନ୍ଦେଶ କୁ ଅନୁଭବ କରିବା ଉଚିତ୍। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ପର୍ବତାରୋହୀ ତଥା ପରିବେଶ ବିତ୍ତ ପ୍ରସନ୍ନ ମିଶ୍ର ଯୋଗ ଦେଇ ବିଶ୍ୱ ତାପାୟନ ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ସମ୍ମାନୀତ ଅତିଥି ଭାବେ ସମାଜସେବୀ ଶିତାଂଶୁ ସେନାପତି, ଜିଲ୍ଲା ଅଷ୍ଟା ସଭାପତି ମନୋରଞ୍ଜନ ଦାସ ଉପାଦେୟ ଅଭିଭାଷଣ ପ୍ରଦାନ କରିଥିଲେ। ସମାଜସେବୀ ସୁବ୍ରତ ରଣା ମଞ୍ଚ ଆହ୍ୱାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନନ୍ଦନ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ସୁଶାନ୍ତ ଦାସ ଙ୍କ ସଂଯୋଜନା ରେ ବିଭିନ୍ନ ପ୍ରଦେଶ ରୁ ଆସିଥିବା ନୃତ୍ୟଶିଳ୍ପୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲୋଡି ପରିବେଷଣ ହୋଇଥିଲା।

# ସିଂହିଯୁବା ହାଇସ୍କୁଲରେ ଆନ୍ତର୍ଜାତୀୟ ଆର୍ଦ୍ରଭୂମି ସଂରକ୍ଷଣ ଦିବସ ପାଳିତ

ସୁବର୍ଣ୍ଣପୁର, ୨/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ଅନ୍ତର୍ଗତ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ସିଂହିଯୁବାଠାରେ ରବିବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡଃ. ରବିଚନ୍ଦ୍ର ପାଶୟତଙ୍କ ସଭାପତିତ୍ୱରେ ଆନ୍ତର୍ଜାତୀୟ ଆଦ୍ରଭୂମି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି । ଗାୟତ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ବଲପୁରର ଜୀବ ବିଜ୍ଞାନ ଅଧ୍ୟାପିକା ସୁଶ୍ରୀ ମାମିନା ଭୋଇ ସାଧନ କର୍ମୀଭାବରେ ଯୋଗଦେଇ ଆଦ୍ରଭୂମିର ଆବଶ୍ୟକତା, ବ୍ୟବହାର, ଉପଯୋଗିତ। ତଥା ସଂରକ୍ଷଣ ବିଷୟରେ ମାର୍ଗଦର୍ଶନ କରିଥିଲେ । ସରକାରୀ ଶିକ୍ଷକ ଶିବ ଶଙ୍କର ଭୂଏ ଆର୍ଦ୍ରଭୂମି ମିତ୍ର ଭାବରେ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ ।

# ବନ୍ଦ ରହିଲା ସରକାରୀ ସ୍କୁଲ: ସ୍କୁଲ ଫାଟକ ବାହାରେ ବାଗ୍‌ଦେବୀଙ୍କୁ ପୂଜା କଲେ ଛାତ୍ରଛାତ୍ରୀ



ଜଳେଶ୍ୱର , ୨/୨ (ନି.ପ୍ର): ଆଜି ମା ବାଗ ଦେବୀଙ୍କ ପୂଜାର୍ଚ୍ଚନା ପାଇଁ ସ୍କୁଲ୍ ଛାତ୍ର ଛାତ୍ରୀ ମାନଙ୍କ ଠାରୁ ଆରମ୍ଭ କରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗାଁ ଠାରୁ ସହର ପର୍ଯ୍ୟନ୍ତ ଉତ୍ସାୟ ମୁଖର ହୋଇ ଉଠିଥିବା ବେଳେ ସତେ ଯେମିତି ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଗୋଷ୍ଠି ଶିକ୍ଷା ଅଧିକାରୀ ଅଧୀନରେ ଥିବା ହା ତିଗଡ ଉଚ୍ଚ ବିଦ୍ୟାଳୟ ଓ ହାତିଗର୍ଡ ପ୍ରାୟମେରି ବିଦ୍ୟାଳୟ ପାଠ ପଢୁଥିବା ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ମାନେ ମା ସ୍ୱରସ୍ୱତୀଙ୍କୁ ବିଦ୍ୟାଳୟ ପରିସରରେ ପୂଜା ଅର୍ଚ୍ଚନା କରିବାର ଅନୁମତି ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଓ ଶିକ୍ଷା ବିଭାଗ ଅନୁମତି ନ ଦେବା ଓ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପଡ଼ିଥିବା ଦେଖି ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କ ମାନେ ମିଶି ବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ମା ସରସ୍ୱତୀଙ୍କ ପ୍ରତିମୂର୍ତି ରଖି ପୂଜାର୍ଚ୍ଚନା କରୁଥିଲେ । ଏହି ବିଦ୍ୟାଳୟଟି ୧୯୬୫ ମସିହାରେ କାଳିକ ଓ ହାତିଗର୍ଡ ଗ୍ରାମ ବାସୀଙ୍କ ପ୍ରଚେଷ୍ଟା ବଳରେ ୪ଏକରରୁ ଉର୍ଦ୍ଧ୍ୱ ଏକ ସରକାରୀ ଅନାବାଦୀ ଜମିରେ ବିଦ୍ୟାଳୟ ଗଢ଼ି ଉଠିଥିଲା ପରବର୍ତ୍ତୀ ସମୟରେ ଅସ୍କୁଡ ସାହେବ୍ ନାମକ ନିର୍ଦ୍ଦିଷ୍ଟ ଧର୍ମ।ଲମ୍ବି ବ୍ୟକ୍ତି ୧୯୮୬ ମସିହା ରେ ତାଙ୍କ ଅତିଆରକୁ ନେଇଥିଲେ ଓ ସ୍କୁଲ୍ ପରିଚାଳନା କରୁଥିଲେ ଏଥିରୁ ରାଇବଣିଆ ଅଞ୍ଚଳର ପୂର୍ବତନ ସରପଞ୍ଚ ଓ ଗଡ଼ସୁରକ୍ଷା କମିଟିର ଆଗ ଧାଡ଼ିରେ ପରିଚିତି ପ୍ରଫୁଲ୍ଲ କୁମାର ସ୍ୱରଙ୍କ ତତତ୍ୱାବଧାନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହୋଇ ଶେଷରେ ୨୦୦୯ ମସିହାରେଖାତା ନମ୍ବର ୯୩୭/୫୦୪ ବିଦ୍ୟାଳୟ ଗଣଶିକ୍ଷା ବିଭାଗକ ଓଡ଼ିଶା ସରକାରଙ୍କୁ ୪ ଗୋଟି ପ୍ଲୋଟରେ ୩ ଏକର ଜମି ରହିଅଛି ଯାହା ଦ୍ୱାରା ଓଡ଼ିଶା ସରକାରଙ୍କ ତରଫରୁ ବିଭିନ୍ନ ଅନୁଦାନ ସାଂଗକୁ ସରକାରୀ ଶିକ୍ଷକ ମଧ ନିର୍ଯ୍ୟୁକ୍ତ କରିଛନ୍ତି କିନ୍ତୁ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଲୋକମାନେ ଏହି ବିଦ୍ୟାଳୟରେ ପୂଜା ନ କରିବା ପାଇଁ ବାରଣ କରିବାରୁ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପଡ଼ିଥିବା ଦେଖି ବିଦ୍ୟାଳୟ ଛାତ୍ର ଛାତ୍ରୀ ଓ ଅଭିଭାବକ ଓ ଗ୍ରାମ ବାସୀ ପରିଚାଳନା କମିଟିର ସଦସ୍ୟର ସଭାପତି ଚନ୍ଦନ ଦାସ, ଚିତ୍ତରଞ୍ଜନ ବିଶ୍ୱାଳ, ଦେବ କୁମାର ଦାସ, ସଞ୍ଜୟ ପଟ୍ଟନାୟକ, ତରୁଣ ନାୟକ, ଅନନ୍ତ ଦାସ, ମିଟୁ ଜେନା, ସତ୍ୟ ରଞ୍ଜନ ଦାସ, ଅକ୍ଷୟ ନାୟକ, ରାମେଶ୍ୱର ଗାନ୍ଧି, ସଞ୍ଜୟ ମହାନ୍ତି, ବରୁଣ ପଟ୍ଟନାୟକ, ପ୍ରଫୁଲ୍ଲ ସ୍ୱଁ, ସଞ୍ଜୀବ କୁମାର ଜେନା, ତରୁଣ ପଟ୍ଟନା ୟକ ପ୍ରମୁଖ ଅନେକ ସମାଜ ସେବୀ ବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ମା ସରସ୍ୱତୀଙ୍କ ଆବାହନ କରିଥିଲେ ।

# ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ଓ ମୁଖପତ୍ର ଉନ୍ମୋଚନ



ବାଲେଶ୍ୱର, ୨/୨ (ନି.ପ୍ର): ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଇଂ. ବନମାଳୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ଅତିଥିମାନେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଚାନ୍ଦିପୁର ଆଇ.ଟି.ଆର.ର ଅତିରିକ୍ତ ନିର୍ଦ୍ଦେଶକ ବରିଷ୍ଠ ବୈଜ୍ଞାନିକ ନୀଳାଦ୍ରି ରାୟ, ମୁଖ୍ୟବକ୍ତା ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ଡ. ନିରଞ୍ଜନ ପଣ୍ଡା, ସମ୍ମାନୀତ ଅତିଥି ଭାବେ ସମାଜ ଉତ୍ତର ଓଡ଼ିଶା ସଂସ୍କରଣର ମୁଖ୍ୟ ଶଶୀରଞ୍ଜନ ମଲ୍ଲିକ ଯୋଗ ଦେଇଥିଲେ। ଶ୍ରୀଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସଂଘର ମୁଖପତ୍ର 'ଉତ୍ତରାୟଣ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅତିଥି ଓ ବକ୍ତାମାନେ ସେମାନଙ୍କ ବକ୍ତବ୍ୟରେ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀମାନେ ସମାଜରେ ସମ୍ମାନସ୍ପଦ ମର୍ଯ୍ୟାଦାସମ୍ପନ୍ନ ବରିଷ୍ଠ ବ୍ୟକ୍ତି ଅଟନ୍ତି। ସେମାନଙ୍କୁ ଅବହେଳା କଲେ ଦେଶର ପ୍ରଗତିରେ ଅନ୍ତରାୟ ସୃଷ୍ଟି ହେବ। ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ଅଭିଜ୍ଞତା ଓ ସମାଜବିକାଶ କ୍ଷେତ୍ରରେ ଉପଯୋଗ କରାଯିବା ଉଚିତ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ସଂଘର ଯୁଗ୍ମସଂପାଦକ ସୁଦର୍ଶନ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ସଦସ୍ୟା ପ୍ରତିମା ପଣ୍ଡା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଡ. କ୍ଷିତୀଶ୍ୱର ଦାଶ ବେଦପାଠ କରିଥିଲେ ଓ କଲ୍ୟାଣୀ ନନ୍ଦଙ୍କ ସଂଯୋଜନାରେ ତାଙ୍କର ସାଥୀମାନେ ଆବାହନୀ ସଂଗୀତ ଗାନ କରିଥିଲେ। ସାଧାରଣ ସଂପାଦକ ବୀରେନ୍ଦ୍ର କୁମାର ମହାନ୍ତ ସଂପାଦକୀୟ ବିବରଣୀ ଓ ଅର୍ଥ ସଂପାଦକ ଦାମୋଦର ନାୟକ ମୁଖପତ୍ରର ସଂପାଦକୀୟ ପାଠ କରିଥିଲେ। ସକାଳର ପ୍ରଥମ ଅଧିବେଶନ ସାଂଗଠନିକ କାର୍ଯ୍ୟକ୍ରମରେ ଜିଲ୍ଲାର ୧୫ଟି ଶାଖାର ସଭାପତି ଓ ସଂପାଦକଙ୍କ ଉପସ୍ଥିତିରେ ଆଗାମୀ ୩ବର୍ଷ ପାଇଁ ନିର୍ବାଚନ କମିଟିର ମୁଖ୍ୟ ପରିଚାଳକ ବସନ୍ତ କୁମାର ନାୟକ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଗୌରଚନ୍ଦ୍ର ଭୂୟାଁଙ୍କ ଲିଖିତ 'ଅଳସ ଆଖିରେ ଅଳପ କଥା', ପଦ୍ମଲୋଚନ ଦତ୍ତଙ୍କ ଲିଖିତ 'କବିତାଞ୍ଜଳି' ଓ 'ଝରବସନ୍ତ' ଏବଂ ଡ. କରୁଣାକର ଦାସଙ୍କ 'ଉତ୍ତର ରାମଚରିତମ୍' ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ବିଭିନ୍ନ ପ୍ରତିଭାଧର ବ୍ୟକ୍ତିବିଶେଷଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବା ସହିତ ଜିଲ୍ଲାର ବିଭିନ୍ନ ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ, କଳା, ବାଣିଜ୍ୟର ଛାତ୍ରଛାତ୍ରୀଙ୍କ ସମେତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ବିଭିନ୍ନ ବିଭାଗର କୃତୀ ଛାତ୍ରଛାତ୍ରୀମାନଙ୍କୁ ଏବଂ ଇଞ୍ଜିନିୟରିଂ ଓ ସଂସ୍କୃତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହନ ରାଶି ସହ ସମ୍ମାନସୂଚକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ତତ୍‌ସହିତ ବାଲେଶ୍ୱରର ଜଣେ ଭିନ୍ନକ୍ଷମ ଛାତ୍ରଙ୍କୁ ଆନ୍ତର୍ଜାତୀୟ ସ୍ତରରେ ତାଙ୍କର କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ବିଶେଷ ସମ୍ମାନ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଧୀରେନ୍ଦ୍ର ନାରାୟଣ ଦାସ, ଇଂ. ଗୌରାଙ୍ଗ ସାହୁ, ଇଂ. ସୁରେନ୍ଦ୍ର ନାଥ ଦାସ, ସଞ୍ଜୟ ପଣ୍ଡା, ଭାଗବତ ଦଳାଇ, ରମେଶ ଚନ୍ଦ୍ର ରାଉତ, ଇଂ. ହୃଶିକେଶ ସାହୁ, ରବି ନାରାୟଣ ବେହେରା, ରବୀନ୍ଦ୍ର କୁମାର ମହାନ୍ତି, ଜ୍ୟୋତ୍ସ୍ନା ରାୟ, ରୀତା ରାୟ, ଦୀପ୍ତିଲତା ଦାସ, ସାବିତ୍ରୀ ଦାସ, ଗୀତାଞ୍ଜଳି ଶତପଥୀ ଓ ଜ୍ଞାନେନ୍ଦ୍ର ନାଥ ସାହୁ ପ୍ରମୁଖ ମଞ୍ଚ ପରିଚାଳନା ଏବଂ ଡ. ତାରାକାନ୍ତ ନନ୍ଦ, ଗୁଣାକର ଦେ, କ୍ଷେତ୍ରମୋହନ ସାହୁ, ପ୍ରଶାନ୍ତ କୁମାର ଦାସ, ସଂଗୀତା ସାହୁ, ହରେକୃଷ୍ଣ ସାହୁ, ଯଶୋଦା ନନ୍ଦନ ଆଶ୍, ଚିତ୍ତରଞ୍ଜନ ଜେନା, ପୂର୍ଣ୍ଣ ସିଂ, ରବି ନାରାୟଣ ଜେନା ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ନାଥ ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବସ୍ତି ପିଲାଙ୍କୁ ପାଠ୍ୟ ଉପକରଣ ବାଂଟିଲେ ଦି ବେଲର ସ୍ୱେଚ୍ଛାସେବୀ

ପୁରୀ, ୨/୨ (ନି.ପ୍ର): ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ସାମୁଖ୍ୟ ଦି ବେଲ୍ ର ସ୍ୱେଚ୍ଛାସେବୀ ମାନେ ସରସ୍ୱତୀ ପୂଜା ଅବସରରେ ବସ୍ତି ଅଂଚଳ ପିଲାମାନଙ୍କୁ ପାଠ୍ୟ ଉପକରଣ ବାଂଟି ଭିନ୍ନ ଢ଼ଙ୍ଗରେ ସରସ୍ୱତୀ ପୂଜା ପାଳନ କରିଛନ୍ତି । ବଳିଆ ପଣ୍ଡା ଅଂଚଳରେ ଥିବା ଏକଲବ୍ୟ ପାଠଶାଳାରେ ଅଧ୍ୟୟନ କରୁଥିବା ପ୍ରାୟ ୫୦ ଜଣ କୁନି କୁନି ପିଲାଙ୍କୁ ଅନୁଷ୍ଠାନ ତରଫରୁ ବିଭିନ୍ନ ପାଠ୍ୟ ଉପକରଣ ସହିତ ମିଷ୍ଟାନ୍ନ ବଂଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏକଲବ୍ୟ ପାଠଶାଳାର ପ୍ରଧାନ ପରିଚାଳକ ଉମେଶ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ବେଲର ପ୍ରତିଷ୍ଠାତା ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଯୋଗଦେଇ ଆଗକୁ ଦି ବେଲ୍ ତରଫରୁ ବସ୍ତି ଅଂଚଳରେ ପାଠ ପଢ଼ିବାର ସୁଯୋଗ ପାଉନଥିବା କିମ୍ବା ଅଧାରୁ ପାଠ ଛାଡି ଥିବା ପିଲାମାନଙ୍କ ପାଇଁ ଏକଲବ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ସାମଗ୍ରିକ ବିକାଶ ପାଇଁ ପ୍ରଚେଷ୍ଟା କରିବା ସହିତ ସ୍କୁଲରେ କିପରି ଯାଇ ପଢ଼ିବେ ସେଥିପାଇଁ ପ୍ରୟାସ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଭାରତ ଯୋଗ କେନ୍ଦ୍ରର ରମା ବଲ୍ଲଭ ମହାପାତ୍ର, ବେଲ ସାଧରଣ ସମ୍ପାଦକ ରାଜ କିଶୋର ପାତ୍ର, ଉପାଧକ୍ଷ ସୁକାନ୍ତ ପଣ୍ଡା, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସିଲି ସେଠୀ, ପାର୍ବତୀ ରାଭା, ଆକାଶ ସିଂ, ରାକେଶ କୁମାର ଶତପଥୀ, ମୋନାଲିସା ଜେନା ପରିଚାଳନା କରିଥିଲେ ।

# କାଗଜ କଳ ଶ୍ରମିକ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ

ଜୟପୁର, ୨/୨ (ନି.ପ୍ର): ଜୟପୁର ଯାଦବ ଭବନ ଠାରେ ସେବା କାଗଜ କଳ ଶ୍ରମିକ ସଂଘ, ଅବସରପ୍ରାପ୍ତ ଶ୍ରମିକ ଏବଂ ଠିକା ଶ୍ରମିକ ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାରଖାନାର ଅଚଳାବସ୍ଥା, ଶ୍ରମିକ ମାନଙ୍କୁ ଦୀର୍ଘ ଦିନ ଧରି ଦରମା ନମିଳିବା , ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଦୁର୍ଦ୍ଦଶା, କଂଟ୍ରାକ୍ଟର୍ ଲେବର ମାନଙ୍କ ପି ଏଫ୍ ସମସ୍ୟା ସମ୍ବନ୍ଧରେ ବ୍ୟାପକ ଆଲୋଚନା ହୋଇଥିଲା। ଠିକା ଶ୍ରମିକ ମାନଙ୍କର ପ୍ରତିନିଧି ସୁନ୍ଦର ନାଇକ ସେମାନଙ୍କ ଦୁର୍ଦ୍ଦଶାକୁ ପ୍ରକାଶ କରି କହିଛନ୍ତି ଯେ, ପି ଏଫ୍ ଟଙ୍କା କାଟୁଥିଲେ ମଧ୍ୟ ବନ୍ଧା ହେଇନି, ଇଏସ୍ଆଇ ନାହିଁ। ଅକ୍ଟୋବର ମାସରେ ହୋଇଥିବା ସାଂଘାତିକ ଦୁର୍ଘଟଣାରେ ଅକ୍ଷକେ ମହିଳା ଶ୍ରମିକ ଜଣକ ବର୍ତି ଗଲେ । ତଥାପି ମ୍ୟାନେଜମେଂଟ ର ଖାତିର ନାହିଁ। ଠିକା ଶ୍ରମିକ ମାନଙ୍କର ଦରମା ମଧ୍ୟ ମାସ ମାସ ଧରି ମିଳୁନାହିଁ। ସଫେଇ କର୍ମଚାରୀମାନଙ୍କୁ ଠିକାଦାର ପରିବର୍ତନ ସମୟରେ ଦୁଇ ମାସର ଦରମା ଏ ପର୍ଯ୍ୟନ୍ତ ମିଳିନି , ଯଦିଓ ସେହି ସମୟ ପାଇଁ ଅନ୍ୟ ଠିକା ମାନେ ଦରମା ପାଇଛନ୍ତି। ଅବସରପ୍ରାପ୍ତ ଶ୍ରମିକ ମାନଙ୍କ କଥା ଅତ୍ୟନ୍ତ ଦୁଃଖଦ। ଯେଉଁ ମାନେ କେସ୍ କରିଛନ୍ତି କେବେ ନ୍ୟାୟ ପାଇବେ ଠିକଣା ନାହିଁ, ଯେଉଁ ମାନେ ଅନ୍ୟ ଜିଲ୍ଲାରେ ଓ ରାଜ୍ୟରେ ଅଛନ୍ତି ସେମାନଙ୍କ ଅବସ୍ଥା କ'ଣ ହେବ ତାହା ମଧ୍ୟ ସନ୍ଦେହ, ଯେଉଁ ମାନେ ମରିଗଲେ ସେମାନଙ୍କ ପରିବାର ଲୋକେ ପ୍ରାପ୍ୟ ପାଇଁ ଅନେଇ ବସିଛନ୍ତି। ଆଗାମୀ ଭବିଷ୍ୟତରେ କ'ଣ ହେବ ତାହା ମଧ ସନ୍ଦେହଘେରରେ । ଏଭଳି ପରିସ୍ଥିତିରେ କେବଳ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ହିଁ ସମସ୍ୟାର ସମାଧାନ ପାଇଁ ବାଟ ଫିଟେଇବ । ଏହା କେବଳ କାଗଜ କଳ ଶ୍ରମିକ ମାନଙ୍କ ସମସ୍ୟା ନୁହେଁ। ୨୫୦ ଏକର ଜମି ରାଜ୍ୟ ଇଡିକୋଲ୍ ସଂସ୍ଥା ଦେଇଛନ୍ତି କାରଖାନା ଚାଲିଲେ ନିଯୁକ୍ତି ବଢ଼ିବ । ଅଂଚଳର ଅର୍ଥନୈତିକ ଅଭିବୃଦ୍ଧି ଘଟିବ । ଏଣୁ ଏହାକୁ ଏକ ଜନ ଆନ୍ଦୋଳନ ରୂପ ଦେବା ପାଇଁ ଆସନ୍ତା ୦୯.୦୨.୨୦୨୫ ତାରିଖ ଦିନ ଜୟପୁର ବାବା ସାହେବ କଲ୍ୟାଣ ମଣ୍ଡପ ସନ୍ଧ୍ୟା ରେ ଏକ ଗଣ କନଭେନସନ୍ ହେବ। ଫେବୃଆରୀ ୧୩ ରୁ ବିଧାନ ସଭା ର ବଜେଟ୍ ଅଧିବେଶନ ଆରମ୍ଭ ହେଉଥିବାରୁ ସେଦିନ ଏକ ବଡ଼ ଧରଣର ଆନ୍ଦୋଳନ ପାଇଁ ପ୍ରସ୍ତୁତି ଆଲୋଚନା ହେବ ବୋଲି ଶ୍ରମିକ ସଂଘ ର ସଭାପତି ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ...

ଖଞ୍ଜଣୀ ଭଜନ ଗାନ କରିଥିଲେ। ଏଥିସହ ଶ୍ରୀଲଙ୍କାରୁ ଆମନ୍ତ୍ରିତ ଚାନ୍ଦିନୀ କସ୍ତୁରୀ ଓ ଦଳଙ୍କ ଦ୍ୱାରା ଭାରତନାଟ୍ୟମ, କଳାହାଣ୍ଡିର କର୍ତ୍ତବ୍ୟ ଘୁମୁରା ନୃତ୍ୟାନୁଷ୍ଠାନ ଦ୍ୱାରା ଘୁମୁରା ନାଚ, ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଗାଲାଣ୍ଡର ଲୋଥା ଲୋକନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ, ପଶ୍ଚିମବଙ୍ଗର ହଳଦିବାରି କଲେଜର ମାଇମ୍ ଥିଏଟର ଗ୍ରୁପ ଦ୍ୱାରା ମାଇମ୍ ନାଟକ ଆର୍ଟ, ଆସାମର କାମରୂପ କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିହୁ ନୃତ୍ୟ ଓ ଝୁମର ନୃତ୍ୟ ଆଦି ବିଭିନ୍ନ ପ୍ରକାରର ଚିତ୍ତାକର୍ଷକ ନୃତ୍ୟମାନ ପରିବେଷଣ କରାଯାଇଥିଲା। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ସ୍ଥିତ ଆଇ.ଏମ.ଆଇ. ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର ସୁପ୍ରିତୀ ମିଶ୍ର ଯୋଗଦେଇ ନିଜର ଉଦବୋଧନ ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ଉତ୍ସବରେ ତିନିଦିନବ୍ୟାପୀ ଚାଲିଥିବା ଫୋଟଚିତ୍ର ତଥା ଚିତ୍ରକଳା ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ସମସ୍ତ ଚିତ୍ରଶିଳ୍ପୀ ତଥା ନୃତ୍ୟଶିଳ୍ପୀମାନଙ୍କୁ ପ୍ରଫେସର ସୁପ୍ରିତୀ ମିଶ୍ର ଓ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସମ୍ମାନିତ କରିଥିଲେ। ବିଶ୍ୱବିଦ୍ୟାଳୟ ଏନଏସଏସର ସମସ୍ତ ସ୍ୱେଚ୍ଛାସେବୀଙ୍କ ତିନିଦିନର ନିରବିଚ୍ଛିନ୍ନ ସେବାକୁ କୁଳପତି, କୁଳସଚିବ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ପ୍ରଶଂସା କରିବା ସହ ଏନଏସଏସର ସଂଯୋଜକ ଡକ୍ଟର ପ୍ରତିମା ପ୍ରଧାନଙ୍କୁ ସମ୍ମାନିତ କରିଥିଲେ। ଏହାସହିତ ଏହି ଆନ୍ତର୍ଜାତିକ କଳା, ସଂସ୍କୃତି ଓ ସାହିତ୍ୟର ପ୍ରତୀକ 'ଉନ୍ନରୁମ' ଉତ୍ସବର ସଫଳ ରୂପାୟନକୁ ନେଇ କୁଳପତି ପ୍ରଫେସର ତ୍ରିପାଠୀ କାର୍ଯ୍ୟକ୍ରମର ସଂଯୋଜକ, ଆୟୋଜକ ଓ ସମସ୍ତଙ୍କ ମହତ୍ୱପୂର୍ଣ୍ଣ ଯୋଗଦାନ ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ରେକର୍ଡ ଭାଙ୍ଗୁଛି ...

ମିଳିଥିବା ତଥ୍ୟ ଅନୁସାରେ ଭୁବନେଶ୍ୱର ତାପମାତ୍ରା ୧୯୬୩ ଫେବ୍ରୁଆରି ୨୩ରେ ସର୍ବାଧିକ ୪୨.୭ ଡିଗ୍ରି ରେକର୍ଡ ହୋଇଥିଲା । ସେହିପରି ୨୦୨୧ ଫେବ୍ରଆରୀ ୨୬, ୨୭ ଓ ୨୮ ତାରିଖ ତିନି ଦିନ ୪୦ ଡିଗ୍ରି ଉପରେ ତାପମାତ୍ରା ରହିଥିଲା । ୨୦୧୬ ଫେବ୍ରୁଆରି ୧୯ରେ ୩୯.୩ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଥିଲା । ହେଲେ, ଚଳିତ ବର୍ଷ ଭଳି ପୂର୍ବରୁ କୌଣସି ବର୍ଷ ଫେବ୍ରୁଆରୀ ପ୍ରଥମ ସପ୍ତାହରେ ଏତେ ତାପମାତ୍ରା ରେକର୍ଡ ହୋଇନାହିଁ । ଜଳବାୟୁ ପରିବର୍ତ୍ତନ ଋତୁଚକ୍ରକୁ ପ୍ରଭାବିତ କରୁଛି । ଯାହାଫଳରେ ଶୀତ ଋତୁର ସମୟ କମିବା ସହ ଆଗୁଆ ଖରା ଆସୁଛି ବୋଲି କୁହାଯାଉଛି ।

## ସରିଲା ଅପେକ୍ଷା...

ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ନିରାଶ ତ ଆଉ କାହାର ସଠିକ ଡକ୍ୟୁମେଣ୍ଟ ନଥିବାରୁ ହୋଇପାରୁନି କେୱାଇସି ଅପଡେଟ୍। ଏଇ ଯେମିତି, ବାଲେଶ୍ୱର ଖଇରା ବ୍ଲକ କୁସୁନପୁରର ପାର୍ବତୀ ଜେନା। ତାଙ୍କ ପରେ ପରେ ଯେଉଁମାନେ ଆବେଦନ କରିଛନ୍ତି, ସେମାନେ ସୁଭଦ୍ରା ଟଙ୍କା ପାଇଲେଣି। ହେଲ ସେ କିନ୍ତୁ ପାଇନାହାନ୍ତି। କେଉଁଠି ରହୁଛି ସମସ୍ୟା, ସେ କିଛି ଜାଣିପାରୁନଥିବା କହିଛନ୍ତି। ସମାନ ସମସ୍ୟା ଭିତରେ ଘାଣ୍ଟି ହେଉଛନ୍ତି ନୀଳଗିରି ଗୋହିରା ଅଞ୍ଚଳର ସାବିତ୍ରୀ ସିଂ । ନାଁ ସେ ସଠିକ ଡକ୍ୟୁମେଣ୍ଟ ଯୋଗାଡ଼ କରିପାରୁଛନ୍ତି ନାଁ ହୋଇପାରୁଛି କଣଉ ଅପଡେଟ୍। ତେଣୁ ସେ ଚିନ୍ତାରେ ପଡ଼ି ଯାଇଛନ୍ତି। ଏଭଳି ନାନା ସମସ୍ୟାକୁ ଦେଖି ଶୁଣ ସୁଭଦ୍ରା, କୁହ ସୁଭଦ୍ରା ଓ ସୁଭଦ୍ରା ସେତୁ କାର୍ଯ୍ୟକ୍ରମ ହାତକୁ ନେଇଛି ବିଭାଗ। ଆସନ୍ତା ମାର୍ଚ୍ଚରୁ ଶୁଣ ସୁଭଦ୍ରା ଏବଂ କୁହ ସୁଭଦ୍ରା ମାଧ୍ୟମରେ ଏସବୁର ସମାଧାନ ହେବ। ସୁଭଦ୍ରା ସେତୁ ମାଧ୍ୟମରେ ସମୟକ୍ରମେ ନୂଆ ଯୋଗ୍ୟ ହିତାଧିକାରୀଙ୍କୁ ଯୋଡ଼ାଯିବ।

## ଓଡ଼ିଆ ବର୍ଣ୍ଣବୋଧର ଶୋଭନ ...

ମାତୃଭାଷାକୁ ନେଇ ସମସ୍ତେ ଗର୍ବ କରିବା ଉଚିତ୍ । ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ଏକ ସମୟରେ ହଜିଯାଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶାକୁ ଭାଗ ଭାଗ କରି ବିଭିନ୍ନ ପ୍ରଦେଶରେ (ପ୍ରେସିଡେନ୍ସି) ମିଶାଇ ଦିଆଯାଇଥିଲା । ଓଡ଼ିଆଭାଷା ଓ ହତଗୌରବ ଫେରାଇ ଆଣିବାକୁ ନେତୃତ୍ୱ ନେଇଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଓଡ଼ିଆ ଅସ୍ମିତା କଥା ଆସିଲେ ମନ ଆନ୍ଦୋଳିତ ହେଉଛି । ସ୍ୱାଧୀନତାର ଏତେ ଦିନ ପରେ ଆଜି ଓଡ଼ିଆ ଅସ୍ମିତା ସଙ୍କଟ କଥା କାହିଁକି ଆସିଲା । ନୂଆ ସରକାର ଆସିବା ପରେ ଓଡ଼ିଆ ଅସ୍ମିତାକୁ ଆଗକୁ ନେବାକୁ ପ୍ରୟାସ କରାଯାଉଛି । ବର୍ଣ୍ଣବୋଧକୁ ଆଗକୁ ନେବାକୁ ହେଲେ ସାମାଜିକ, ଆର୍ଥିକ ଓ ଶୈକ୍ଷିକ ସ୍ଥିତି ଜାଣିବାକୁ ପଡ଼ିବ । ବର୍ଣ୍ଣବୋଧର ଭାଷା ଅତ୍ୟନ୍ତ ସହଜ ଓ ସରଳ ଥିଲା । କମ୍ ସମୟରେ ବହିଟି ବହୁତ ଆଦୃତ ହୋଇଥିଲା । ନୂଆ ସଂସ୍କରଣର ପ୍ରଥମ ପୃଷ୍ଠାରେ ଚିତ୍ରଣ ହୋଇଥିବା ହରିଣ ଚିତ୍ରକୁ ନେଇ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି କି ବର୍ଣ୍ଣବୋଧରେ ବିଲେଇ ଆସିବା ପୂର୍ବରୁ ହରିଣ ଥିଲା । ୧୯୦୧ ମସିହାରେ ୧ ଅଣାରେ ବର୍ଣ୍ଣବୋଧ ଲେଖା ଯାଇଥିଲା ଏବଂ ସେଥିରେ ହରିଣ ଚିତ୍ର ଥିଲା । ବହିର ପ୍ରଥମ ପୃଷ୍ଠାକୁ ସ୍ୱତନ୍ତ୍ରତା ଦିଆଯାଇଛି । ଏଥିରେ କୌଣସି ନୂଆ ନାହିଁ । ଓଡ଼ିଆ ଅସ୍ମିତା ରଖାଯାଇଛି । ପୁଣି ପୁରୁଣା ଅବସ୍ଥାକୁ ଆମେ ଫେରିଛନ୍ତି । ଛବିଳ ମଧୁ ବର୍ଣ୍ଣବୋଧରେ ମଧୁଥିଲେ କିନ୍ତୁ ଏଥିରେ ମଧୁ ନାହାନ୍ତି । ଏଥିରେ ଓଡ଼ିଆ ଅସ୍ମିତାକୁ ପ୍ରାଥମିକତା ଦିଆଯାଇଛି । ଆଗକୁ ଯିବା ବଦଳରେ ଆମେ ୧୯୦୧ କୁ ଫେରିଛୁ । ଏଥିରେ ବି ସରଳତା ଓ ବୋଧଗମ୍ୟତା ରହିଛି । ୧୨୪ ବର୍ଷ ପରେ ମଧ ଏହାର ବିକଳ୍ପ ନାହିଁ । ପୁରୁଣାର ମୌଳିକତାକୁ ନଷ୍ଟ ନ କରି ନିର୍ଭୁଲ ଭାବେ ନୂଆ ସଂସ୍କରଣ ଅଣାଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ନୂଆ ସଂସ୍କରଣ ଅଣାଯାଇଛି । ଚଳିତ ବର୍ଷ ୧୦ ହଜାର ପୁସ୍ତକ ଛପାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

## ଗୌହାଟୀରେ ନେତାଙ୍କ...

ତେବେ ଏହା ପ୍ରଥମ ଥର ନୁହେଁ ଏହା ପୂର୍ବରୁ ମଧ ଅନେକ ଥର ବିଜେଡିରେ ମେଳି ଦେଖିବାକୁ ମିଳିଛି । ପୂର୍ବରୁ ନେତାଜୀ ଜୟନ୍ତୀ ଦିନ ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଘରେ ମଧ ବିଜେଡି ନେତା ମେଳି କରିଥିଲେ । ଏହି ମେଳିରେ ବିଜେଡିର ଜୁନିୟର ନେତା ସାମିଲ୍ ହୋଇଥିଲେ । ନେତାଜୀ ଜୟନ୍ତୀ ଅବସରରେ ହୋଇଥିବା ମଶାଲ ଶୋଭାଯାତ୍ରା ପରେ ପରେ ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଘରେ ସମସ୍ତେ ଏକାଠି ବସିଥିଲେ । ବିଧାୟକ ସୁନୀଲ ମହାନ୍ତି, ଦେବୀରଞ୍ଜନ ତ୍ରିପାଠୀଙ୍କ ସମେତ ପୂର୍ବରୁ ଭୁବନେଶ୍ୱର ଓ ନିକଟରେ ଗୋପାଳପୁରରେ ମେଳି କରିଥିବା ପ୍ରଣବ ବଳବନ୍ତରାୟ, ସମ୍ବିତ ରାଉତରାୟ, ରୁଦ୍ର ମହାରଥୀ, ବିଷ୍ଣୁବ୍ରତ ରାଉତରାୟ, ଚନ୍ଦ୍ର ସାରଥୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ତେବେ କଟକ ମେୟର ସୁବାସ ସିଂ କି ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଏଥିରେ ସାମିଲ ହୋଇନଥିଲେ । ଯାହାକୁ ନେଇ ଚର୍ଚ୍ଚା ବଢିଥିଲା । ସାଂଗଠନିକ ନିର୍ବାଚନ ପୂର୍ବରୁ ବିଜେଡିରେ ଜୁନିୟର ଓ ସିନିୟର ଗୋଷ୍ଠୀର ଆବିର୍ଭାବ ହୋଇଛି । କିଛି ଦିନ ତଳେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଭୁବନେଶ୍ୱର ସରକାରୀ ବାସଭବନରେ କିଛି ବରିଷ୍ଠ ନେତା ବି ମେଳି କରିଥିଲେ । ବର୍ତ୍ତମାନ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଦଳ ଦାୟିତ୍ୱରେ ଥିବା ଦେବୀ ମିଶ୍ର, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା ଓ ଅତନୁ ସବ୍ୟସାଚୀଙ୍କ ଭଳି ନେତାଙ୍କୁ ବିରୋଧ ଏକପ୍ରକାର ଜୋର ଧରିଛି । ଏହାରି ଭିତରେ ରାୟଗଡା ସଭାରେ ବରିଷ୍ଠ ବିଧାୟକ ଅରୁଣ ସାହୁ ତେରେଛା ବାଣ ମାରିଛନ୍ତି । ୨୪ ବର୍ଷ ଶାସନରେ ବିଜେଡିର ଅହଙ୍କାର ବଢିଯିବାରୁ ଦଳ ପରାଜିତ ହେଲା । ଦ୍ୱନ୍ଦ୍ୱ ଦୂର ହେଲେ ପୁଣି ବିଜେଡି କ୍ଷମତାକୁ ଆସିବ। ସେପଟେ ବିଜେଡି ଖୁବ୍ ଶୀଘ୍ର ସଫା ହୋଇଯିବ ବୋଲି ବିଜେପି କହିଥିବା ବେଳେ, ବିଜେଡି କହିଛି- ଗୋଷ୍ଠୀ କନ୍ଦଳ କିଛି ନାହିଁ । ରାଜନୈତିକ ସମୀକ୍ଷକଙ୍କ ମତ ହେଲା ବିଜେଡିର ଗୋଷ୍ଠୀ କନ୍ଦଳକୁ ଦଳପତି ମ୍ୟାନେଜ କରିବା କାଠିକର ପାଠ ।

## ନାକ୍ ରେଟିଂ କେଲେଙ୍କାରୀ...

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପହଞ୍ଚି ଖୋଳତାଡ଼ କରିଛନ୍ତି। ଦୀର୍ଘ ସମୟ ଧରି ଯାଞ୍ଚ ପରେ ଜ୍ୟୋତିବିହାର ପ୍ରଫେସର ଡକ୍ଟର ବୁଲୁ ମହାରଣାଙ୍କୁ ଗିରଫ କରିଛନ୍ତି ତଦନ୍ତକାରୀ ଅଧିକାରୀ। ତାଙ୍କ ସରକାରୀ ବାସଭବନକୁ ସିଲ୍ କରିବା ସହିତ କବାଟରେ ଏକ ନୋଟିସ୍ ମାରିଛନ୍ତି। ତେବେ କାହିଁକି ଗିରଫ ହେଲେ ପ୍ରଫେସର ବୁଲୁ ମହାରଣା ? ତାଙ୍କ ବିରୋଧରେ କ'ଣ ରହିଛି ମାମଲା ? ଶିକ୍ଷାନୁଷ୍ଠାନକୁ ନାକ୍ ମାନ୍ୟତା ଦେବା ପାଇଁ ଗଠିତ ୧୦ ଜଣିଆ ଟିମର ସଦସ୍ୟ ଥିଲେ ବୁଲୁ ମହାରଣା। ଆନ୍ଧ୍ର ଗୁଣ୍ଟୁରସ୍ଥିତ ଏକ ଶିକ୍ଷାନୁଷ୍ଠାନକୁ 'ଏ' ପ୍ଲସ୍ ପ୍ଲସ୍ ମାନ୍ୟତା ଦେଇଥିଲା କମିଟି। ଏହା ପଛରେ ବଡ଼ଧରଣର ଲାଞ୍ଚ କାରବାର ହୋଇଥିବା ଅଭିଯୋଗ ହୋଇଥିଲା। ସିବିଆଇ ଘଟଣାର ତଦନ୍ତ କରି ନଗଦ ୩୭ ଲକ୍ଷ ଟଙ୍କା, ୬ଟି ଲାପଟପ୍, ସୁନା କଏନ୍, ଆଇ ଫୋନ୍ ଜବତ କରିଛି।

## ଓଡ଼ିଶାର ଦାବିକୁ ...

ଅପେକ୍ଷା ଏଥର ଅଧିକ ୯୧୭୬ କୋଟି ଟଙ୍କାର ଅର୍ଥ ମିଳିଛି । ମୋହନ ମାଝୀ କହିଛନ୍ତି, ଗତବର୍ଷ ବଜେଟରେ ୫୪ ହଜାର ୮୩୨ କୋଟି ଟଙ୍କା ମିଳିଥିବା ବେଳେ ଏଥର ୬୪ ହଜାର ୪୦୮ କୋଟି ଟଙ୍କା ମିଳିଛି । ବଜେଟରେ ୧୦୦ଟି ଜିଲ୍ଲାରେ ଉତ୍ପାଦନ ବୃଦ୍ଧି ପାଇଁ 'ଧନଧାନ୍ୟ କୃଷି ଯୋଜନା' ଆରମ୍ଭ ହୋଇଛି। ଯାହା ଓଡ଼ିଶାର ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହେବ । ଗଝଗର କ୍ଷେତ୍ରରେ ଋଣସୀମା ୫ରୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରାଯାଉଛି। ଏହାଦ୍ୱାରା ଅଧିକ ନିଯୁକ୍ତି ମିଳିପାରିବ । ଏହାଛଡା ତଟବର୍ତ୍ତୀ ଅଞ୍ଚଳର ବିକାଶ ପାଇଁ କେନ୍ଦ୍ରୀୟ ଯୋଜନାରେ ମତ୍ସ୍ୟ ଶିଳ୍ପର ଆଧୁନିକରଣ ଦ୍ୱାରା ଓଡ଼ିଶା ଲାଭବାନ ହୋଇପାରିବ । କେନ୍ଦ୍ର ସରକାରଙ୍କ 'ବିକଶିତ ଭାରତ ୨୦୪୭' ଲକ୍ଷ ହାସଲ ପାଇଁ 'ସମୃଦ୍ଧ ଓଡ଼ିଶା ୨୦୩୬' ନିହାତି ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ଏତିକିବେଳେ ବିଜେପି ବିହାରକୁ ଗୁରୁତ୍ୱ ଦେଇ ଓଡ଼ିଶାକୁ ଉପେକ୍ଷା କରାଯାଇଥିବା ଅଭିଯୋଗ ଆଣି ଘେରିଛନ୍ତି ବିରୋଧୀ ।

## ଦିଲ୍ଲୀ ବିଧାନସଭା...

ଏହାର ପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିବ। ଏହା ବ୍ୟତୀତ, କଂଗ୍ରେସର 'ଇଗଲ୍' କମିଟି ଅନ୍ୟ ରାଜ୍ୟରେ ହୋଇଥିବା ନିର୍ବାଚନର ବିଶ୍ଳେଷଣ ମଧ କରିବ। ଏହା ସହିତ, ଏହା ରାଜ୍ୟଗୁଡ଼ିକରେ ହେବାକୁ ଥିବା ଆଗାମୀ ନିର୍ବାଚନ ଉପରେ ମଧ ନଜର ରଖିବ। ଇଗଲ୍ ଟିମ୍‌ର ମୁଖ୍ୟ କାର୍ଯ୍ୟ ହେବ ମୁକ୍ତ, ନିରପେକ୍ଷ ଏବଂ ସ୍ୱଚ୍ଛ ନିର୍ବାଚନ ପରିଚାଳନା ଉପରେ ଜୋର ଦେବା। କଂଗ୍ରେସର ଏହି ସ୍ୱତନ୍ତ୍ର କମିଟିରେ ମନୋନୀତ ଲୋକଙ୍କୁ ସ୍ଥାନ ଦିଆଯାଇଛି। ଏହି ଦଳରେ ସାମିଲ ନେତାମାନଙ୍କ ମଧ୍ୟରେ ପ୍ରଥମ ନାମ ହେଉଛି ଦିଲ୍ଲୀ କଂଗ୍ରେସର ବରିଷ୍ଠ ନେତା ଅଜୟ ମାକନ। ଦ୍ୱିତୀୟ ନାମ ହେଉଛି ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ କଂଗ୍ରେସ ନେତା ଦିଗବିଜୟ ସିଂହ। ଡକ୍ଟର ଅଭିଷେକ ମନୁ ସିଂଘଭି ତୃତୀୟ ସ୍ଥାନରେ ଅଛନ୍ତି। ଏହା ପରେ, ପ୍ରବୀଣ ଚକ୍ରବର୍ତ୍ତୀ, ପବନ ଖେଡା, ଗୁରଦୀପ ସିଂହ ସପଲ, ଡକ୍ଟର ନୀତିନ ରାଉତ ଏବଂ ଚଲ୍ଲା ବାମଶୀ ଚାନ୍ଦ ରେଡ୍ଡି। ୨୦୨୪ ଲୋକସଭା ନିର୍ବାଚନଠାରୁ ଆରମ୍ଭ କରି ରାଜ୍ୟଗୁଡ଼ିକରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ, କଂଗ୍ରେସ ଅନିୟମିତତାର ଅଭିଯୋଗ ଆଣିଥିଲା। ଦଳ ଏହି ମାମଲା ସମ୍ପର୍କରେ ନିର୍ବାଚନ କମିଶନଙ୍କ ଠାରୁ ତଦନ୍ତ ଦାବି ମଧ କରିଥିଲା।

# ଅମର ନୃତ୍ୟମ ସଙ୍ଗୀତ ଅନୁଷ୍ଠାନର ବାର୍ଷିକ ଉତ୍ସବ

ବାସୁଦେବପୁର, ୨/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡ଼ା ଗୋରୁ ହାଟ ପଡ଼ିଆରେ ଅମର ନୃତ୍ୟମ ସଙ୍ଗୀତ ଅନୁଷ୍ଠାନର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଗୌତମ ମଣ୍ଡଳ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ କଟକ ନବଜ୍ୟୋତି କଳା ନିକେତନର ସମ୍ପାଦକ ସୂର୍ଯ୍ୟମଣି ମହାରଣା। ନାଟ୍ୟ ନିର୍ଦ୍ଦେଶକ ଓ ଖଇରା ବ୍ଲକ୍ ଓଷ୍ଟା ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ନାଟ୍ୟ ପରିଷଦର ସମ୍ପାଦକ ଜଗନ୍ନାଥ କର,ବରଣ୍ଡୁଆ ଗ୍ରାମ ପଞ୍ଚାୟତ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ଆରୁହା ଗ୍ରାମ ପଞ୍ଚାୟତ ସରପଞ୍ଚ ରାଜେନ୍ଦ୍ର କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ପରିଡା, ଅନୁଷ୍ଠାନର ଭାର ପ୍ରାପ୍ତ ଅଧ୍ୟକ୍ଷ ଓ ନୃତ୍ୟ ଶିକ୍ଷକ ଅମରେନ୍ଦ୍ର କୁମାର ନାୟକ। ସମସ୍ତ ଅତିଥି ବକ୍ତବ୍ୟ ମାଧ୍ୟମରେ ଖୁବ୍ ସୁନ୍ଦର ମାର୍ଗ ଦର୍ଶନ କରାଇଥିଲେ। ଏହି ଅବସରରେ ସୁଶ୍ରୀ ପ୍ରଗତି ମହାରଣା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଜାଲିନ ପଣ୍ଡା ଅତିଥି ପରିଚୟ ଓ ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ଉତ୍ସବରେ




ପରିବେଷଣ କରାଯାଇଥିଲା। ସନାତନ ଦାସ, ଅକ୍ଷୟ ପାତ୍ରୀ, ତାପସ ଘଡିଆ, ଗୋପବନ୍ଧୁ ନାୟକ, ଆକାଶ ବେହେରା ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ସାରସ୍ୱତ ସାଧନା ସମିତି ଆନୁକୂଲ୍ୟରେ କବିତା ଆସର 'ମହାକୁମ୍ଭ ମେଳା' ଅନୁଷ୍ଠିତ

ନୀଳଗିରି , ୨/୨ (ନି.ପ୍ର): ନୀଳଗିରି ଉପଖଣ୍ଡ ସଦର ମହକୁମାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ'ସାରସ୍ୱତ ସାଧନା ସମନ୍ୱୟ ସମିତି'ଆନୁକୂଲ୍ୟରେ ଆବାହିକା ସୁଭାଷିନୀ ଜୀ ଓ ଅବସରପ୍ରାପ୍ତ ସେନା କର୍ମଚାରୀ ବୈଦନାଥ ମହାନ୍ତିଙ୍କ ସଭାପତିତ୍ୱରେ କବିତା ଆସର 'ମହାକୁମ୍ଭ ମେଳା' ଗତ ଜାନୁଆରୀ ୧ତାରିଖ ଅନୁଷ୍ଠିତ ହୋଇଯାଇଛି। ସଭା ଆରମ୍ଭ ପୂର୍ବରୁ ମହାକୁମ୍ଭ ମେଳାରେ ଦଳାଚକଟାରେ ମୃତ୍ୟୁବରଣ କରିଥିବା ମୃତକଙ୍କ ଆତ୍ମାର ସଦଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଅନୁଷ୍ଠାନର ପ୍ରତିଷ୍ଠାତା ସୁଭାଷିନୀ ଜୀ ମହାକୁମ୍ଭ ମେଳା କଣ ଓ ଏହାର ପାଳନ କରିବାର ଅବଧି ଏବଂ ସ୍ଥାନ ବିଷୟରେ ପ୍ରାଞ୍ଜଳ ଭାବରେ ପ୍ରାକ୍ କଥନ ରଖିଥିଲେ। ଶ୍ରୀଯୁକ୍ତ ପ୍ରତାପ ସିଂ, ସୀତା ପରିଚ୍ଛା, ମନସ୍ୱିନୀ ପରିଚ୍ଛା, ବବିତା ଜେନା, ନିନିମଣି ସେଠୀ, ସଂଯୁଲତା ପାତ୍ର, ଶିବସୁନ୍ଦର ସାହୁ, ଚନ୍ଦ୍ରଶେଖର ଦାସବାବୁ, ଦିନେଶ ମହାନ୍ତି, ସଂଜୁଲତା ଜେନା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଜୟଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଚତୁର୍ଥ କେଦାର ରୁଦ୍ରନାଥ ମନ୍ଦିରର କବାଟ ମଇ ୧୮ରେ ଖୋଲିବ

ଗୋପେଶ୍ୱର, ୨/୨ (ନି.ପ୍ର): ପଂଚ କେଦାର ମଧ୍ୟରେ ଚତୁର୍ଥ କେଦାର ରୁଦ୍ରନାଥ ମନ୍ଦିରର କବାଟ ଚଳିତ ବର୍ଷ ମଇ ୧୮ ରେ ଗ୍ରୀଷ୍ମକାଳ ନିମନ୍ତେ ଖୋଲାଯିବ । ବସନ୍ତ ପଂଚମୀର ପବିତ୍ର ଅବସରରେ ରବିବାର ଚମୋଲି ଜିଲ୍ଲାର ମୁଖ୍ୟାଳୟ ଗୋପେଶ୍ୱର ସ୍ଥିତ ଶ୍ରୀ ଗୋପୀନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ପଂଚାଂଙ୍ଗ ଗଣନା ଆଧାରରେ ଭଗବାନ ରୁଦ୍ରନାଥ ମନ୍ଦିର କବାଟ ଖୋଲାଯିବାର ତିଥି ସ୍ଥିର କରାଯାଇଥିଲା । କବାଟ ଖୋଲିବାର ପ୍ରକ୍ରିୟା ଅନୁଯାୟୀ, ଭଗବାନ ରୁଦ୍ରନାଥଙ୍କ ଚଳନ୍ତି ପ୍ରତିମା ମଇ ୧୪ ତାରିଖରେ ଗର୍ଭ ଗୃହରୁ ମନ୍ଦିର ପରିସରରେ ସର୍ବସାଧାରଣ ଦର୍ଶନ ନିମନ୍ତେ ବିରାଜମାନ ହେବେ। ଏହାପରେ ୧୬ ତାରିଖରେ ରୁଦ୍ରନାଥଙ୍କ ଡୋଲି ରୁଦ୍ରନାଥ ମନ୍ଦିର ନିମନ୍ତେ ପ୍ରସ୍ଥାନ କରିବେ । ଏବଂ ମଇ ୧୮ ତାରିଖରେ ପ୍ରାତଃ ୪ଟାରେ ବ୍ରହ୍ମମୂର୍ହୁର୍ତରେ ମନ୍ଦିରର କବାଟ ଭକ୍ତଙ୍କ ଦର୍ଶନ ନିମନ୍ତେ ଖୋଲିବ ।

# ବସ୍ତାରେ 'ବିଶ୍ୱ ଆଦ୍ରମୃର୍ତ୍ତିକା ସଂରକ୍ଷଣ ଦିବସ': ଶପଥ ନେଲେ ବିବେକାନନ୍ଦ ଛାତ୍ରଛାତ୍ରୀ




ବସ୍ତା , ୨/୨ (ନି.ପ୍ର): ଆଜି ସରସ୍ୱତୀପୂଜା ଓ ବିଶ୍ୱ ଆଦ୍ର ମୃର୍ତ୍ତିକା ସଂରକ୍ଷଣ ଦିବସ। ପରିବେଶ କୁ ଦୂଷିତ କରି ସହରିକରଣ ନାମରେ ବିଭିନ୍ନ ବର୍ଜ୍ୟବସ୍ତୁ ଦ୍ୱାରା ଯେଭଳି ଭାବରେ ଜଳ ଶ୍ରୋତ ଥିବା ଭୂମିକୁ ଅବରୋଧ କରାଯାଉଥିବାରୁ ବାୟୁମଣ୍ଡଳ ରେ ଉତ୍ତାପ ବଢିବା ସହ ବହୁ ଜୀବଜନ୍ତୁ, ସରୀସୃପ ଓ ଉଦ୍ଭିଦ ଉପରେ ଏହାର କୁପ୍ରଭାବ ପଡୁଛି । ଏହି ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ବର୍ଷ ଫେବୃଆରୀ ୨ ତାରିଖ ଏହି ଦିବସ ପାଳିତ ହୋଇ ଆସୁଅଛି। ଏହି ଉପଲକ୍ଷେ ଆଜି ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଇକୋ କ୍ଲବ ସବୁଜ ବାହିନୀ ତରଫରୁ ପ୍ରଧାନାଚାର୍ଯ୍ୟ ଶ୍ରୀପତି ପାତ୍ର ଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସମାଜସେବୀ ତଥା ଉପଦେଷ୍ଟା ଶ୍ୟାମାପ୍ରସାଦ ବେହେରା, କେନ୍ଦ୍ରର ସଭାପତି ଶଙ୍କର କୁମାର କର, ସମ୍ପାଦକ ରାମଚନ୍ଦ୍ର ଦେବ, କୋଷାଧ୍ୟକ୍ଷ ପ୍ରଦୀପ ପରିଡା, ସାମ୍ବାଦିକ ବିଜୟ କୁମାର ଭୂୟାଁ, ସୁଶାନ୍ତ ପ୍ରଧାନ, ମାନସରଞ୍ଜନ ବେହେରା, ନରେନ୍ଦ୍ର ସେଠୀ, ପ୍ରଶାନ୍ତ ଗିରି ଅଞ୍ଜନ ସାହୁ, ଶିକ୍ଷୟତ୍ରୀ ପୁଷ୍ପଲତା ପଟ୍ଟନାୟକ, ସହକାରୀ ଶିକ୍ଷୟତ୍ରୀ ରଞ୍ଜିତା ପାଢୀ, ସୁଶାନ୍ତି ଲତା ବେହେରା ଓ ସରୋଜ ପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ଦେଇଥିଲେ । ଏକ ଶହ ରୁ ଉର୍ଦ୍ଧ୍ୱଛାତ୍ରଛାତ୍ରୀଯୋଗ ଦେଇଥିବା ବେଳେ ପରିଚାଳନା କମିଟି ର ସଦସ୍ୟ ଅଭିଭାବକ ଉପସ୍ଥିତ ଥିଲେ ।

# ପାଳ ଜାମକୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିଆପାଳ, ୨/୨ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ପୁରପଲ୍ଲୀରେ ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ପୂଜା ଆଡ଼ମ୍ବର ସହକାରେ ପାଳିତ ହେଉଥିବା ବେଳେ ବାଲିଆପାଳ ବ୍ଲକ ଅନ୍ତର୍ଗତ ପାନ ଜାମକୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମା ସରସ୍ୱତୀଙ୍କ ପୂଜାର୍ଚ୍ଚନା ପରେ ସନ୍ଧ୍ୟାରେ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିମାଇଁ ଚରଣ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବାଲିଆପାଳ ଗୋଷ୍ଠୀ ସହ ଶିକ୍ଷାଧିକାରୀ ନମିତାପ୍ରଭା ସାମଲ, ମୁଖ୍ୟଅତିଥି ଭାବେ ଯୋଗଦେଇ ଶୃଙ୍ଖଳିତ ଜୀବନ ଶୈଳୀ ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ଗଠନରେ ପ୍ରମୁଖ ମାଧ୍ୟମ ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା, ଅଭିଭାବକ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଟ୍ରେଜେରି ଅଧିକାରୀ ଗୁଣାକର ଦେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବରେ ଉତ୍କଳ ସାମ୍ବାଦିକ ସଂଘ ବାଲେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦକ ପ୍ରତାପ କୁମାର ପାତ୍ର,ଜାମକୁଣ୍ଡା କ୍ଲଷ୍ଟରର ସିଆରସିସି ଅତୁଲ କୁମାର ସାହୁ , ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିନୟ ଦେ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।ଶିକ୍ଷକ ରାଧାକୃଷ୍ଣ ପରିଡା ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ମଞ୍ଜୁବାଳା ଦାସ, କବିତା ପିଳା, ଲକ୍ଷ୍ମୀପ୍ରିୟା ପାଢ଼ୀ, ସବିତା ମଣ୍ଡଳ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଅଭିଭାବକ, ପିତାମାତା ତଥା ପାଳଜାମକୁଣ୍ଡା ଗ୍ରାମର ଗ୍ରାମବାସୀ ସହଯୋଗ କରିଥିଲେ । ସଭାକାର୍ଯ୍ୟ ପରେ କୁନିକୁନି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ନିଶାନ୍ତ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଗାମୀ ୩ ଦିନ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ସମ୍ଭାବନା

ଭୁବନେଶ୍ୱର, ୨/୨ (ନି.ପ୍ର): ଆଗାମୀ ୩ ଦିନ ସକାଳ ସମୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଂଟା ମଧ୍ୟରେ ଉତର ଉପକୂଳ ଓଡ଼ିଶା ସମେତ ଖୋର୍ଦ୍ଧା, ନୟାଗଡ଼, ଅନୁଗୁଳ, ଢ଼େଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, ଗଞ୍ଜାମ ଏବଂ ପୁରୀ ଏସବୁ ଜିଲ୍ଲା ଗୁଡିକରେ କିଛି ସ୍ଥାନରେ ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି । ସେହିପରି ୩ ତାରିଖ ସକାଳ ଠାରୁ ୪ ତାରିଖ ସକାଳ ମଧ୍ୟରେ କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଅନୁଗୁଳ, ଢ଼େଙ୍କାନାଳ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ପୁରୀ, ଯାଜପୁର, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼ ଏସବୁ ଜିଲ୍ଲା ଗୁଡିକରେ କିଛି ସ୍ଥାନରେ ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି । ଅନୁରୂପ ଭାବେ ୪ ତାରିଖ ସକାଳ ଠାରୁ ୫ ତାରିଖ ସକାଳ ମଧ୍ୟରେ ଭଦ୍ରକ, ଯାଜପୁର, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦ୍ରାପଡ଼ା, କଳାହାଣ୍ଡି, କନ୍ଧମାଳ ଏବଂ ଗଞ୍ଜାମ ଏସବୁ ଜିଲ୍ଲା ଗୁଡିକରେ ଗୋଟିଏରୁ ଦୁଇଟି ସ୍ଥାନରେ ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

## ବିପୁଳ ପରିମାଣର ଗଞ୍ଜେଇ ଜବତ

ଜୟପୁର, ୨/୨ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରୀଗୁଡା ପୋଲିସକୁ ମିଳିଛି ବଡ଼ ସଫଳତା। ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କି. ମାଝିଗୁଡା ପଂଚାୟତ ଟିକରପଡା ଜଙ୍ଗଲରେ ଚଢ଼ଉ କରି ୧୦ କୁଇଣ୍ଟାଲ ୨୩ କିଲୋ ଗଞ୍ଜେଇ ଜବତ କରିଛି ବୈପାରୀଗୁଡା ପୋଲିସ। ବିଶେଷ ସୂତ୍ରରୁ ଖବର ପାଇ ବୈପାରିଗୁଡା ଥାନା ଆଇଆଇସି ଦୀପାଞ୍ଜଳି ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ସଞ୍ଜୀବ ବେହେରା ଏକ ଟିମ୍ ଗଠନ କରି ଜଙ୍ଗଲରେ ଚଢ଼ଉ କରିଥିଲେ। ଏହି ଚଢ଼ଉରେ ୩୮ ଟି ଗଞ୍ଜେଇବସ୍ତା ଜବତ କରାଯାଇଥିଲା । ଚୋରା ଚାଲାଣ ପାଇଁ ଜଙ୍ଗଲରେ ଏଭଳି ଗଞ୍ଜେଇ ରଖା ଯାଇଥିବା ଅନୁମାନ କରାଯାଉଛି । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରିବାରୁ ଏହା ୧୦ କୁଇଣ୍ଟାଲ ୨୩ କିଲୋ ବୋଲି ଜଣାପଡ଼ିଥିଲା।

# ବାରାପୁର ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ବାସୁଦେବପୁର, ୨/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାରାପୁର ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ୟୋତି ପ୍ରକାଶ ଲେଙ୍କା ସଭାପତିତ୍ୱ କରିଥିଲେ। ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶିଷ୍ଟ ଐତିହାସିକ ଓ ଗବେଷକ ଡକ୍ଟର ଅଜୟ କୁମାର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ବାସୁଦେବପୁର ଥାନା ଅଧିକାରୀ କବି ଲୋପାମୁଦ୍ରା ନାୟକ, ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ, ଅବସର ପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ମୁକ୍ତିକାନ୍ତ ଅଗସ୍ତି, ମିନା କୁମାରୀ ମଲ୍ଲିକ, ସ୍କୁଲ ପରିଚାଳନା କମିଟି ସଭାପତି ଅଜୟ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସହକାରୀ ଶିକ୍ଷୟତ୍ରୀ ସୁନିତି ଲତା ସାହୁ ଓ ଦିଲ୍ଲୀପ କୁମାର ସାହୁଙ୍କୁ ଏହି ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟନ୍ତୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟତ୍ରୀ ଅନିନ୍ଦିତା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପ୍ରିୟଙ୍କା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ନୀଳଗିରି ଆଇଟିଡିଏର ଉନ୍ନୟନ କାର୍ଯ୍ୟ ଠପ୍: ଆସନ୍ତା ୪ରେ ଗଣଧାରଣା ନେଇ ପୂର୍ବତନ ବିଧାୟକ ସୁକାନ୍ତ ନାୟକଙ୍କ ଡାକରା



ନୀଳଗିରି, ୨/୨ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ନୀଳଗିରି ବ୍ଲକର ଉନ୍ନୟନ ପାଇଁ ସ୍ୱତନ୍ତ୍ର ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ୧୯୮୪ମସିହାରେ ଗଠନହୋଇ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟ ହେଉଛି। ମାତ୍ର ବର୍ତ୍ତମାନ ଉକ୍ତ ବିଭାଗରେ କୌଣସି ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବର୍ତ୍ତମାନର ରାଜ୍ୟ ସରକାର ଏବଂ ସ୍ଥାନୀୟ ନେତାଙ୍କ ଅପରିଣାମ ଦର୍ଶିତା ଓ ମନମାନି ଫଳରେ କୋଟିକୋଟି ଟଙ୍କା ଖର୍ଚ୍ଚ ନହୋଇ ପଡ଼ିରହିଛି। ଏହାର ପ୍ରତିବାଦରେ ନୀଳଗିରି ବିଜେଡିର ତୁଙ୍ଗନେତା ତଥା ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଆଗାମୀ ଫେବୃଆରୀ ୪ତାରିଖ ବ୍ଲକର ସମସ୍ତ ୨୫ଗୋଟି ପଞ୍ଚାୟତର ଲୋକପ୍ରତିନିଧି ଓ ଜନସାଧାରଣ ନୀଳଗିରି ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବାର କାର୍ଯ୍ୟକ୍ରମ ରହିଛି।

# ଭିଡକୁ ନିୟନ୍ତ୍ରଣ କଲେ ବାଲିଆପାଳ ପୋଲିସ



ବାଲିଆପାଳ, ୨/୨ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ ସିମୁଳିଆ ବଜାରରେ ବ୍ୟାପକ ଜନଗହଳି ଲାଗିରହିଥିଲା । ଫଳରେ ବାଲିଆପାଳ ରୁ ଲଙ୍ଗଳେଶ୍ୱର ପୂର୍ତ୍ତ ବିଭାଗ ରାସ୍ତା ର ସିମୁଳିଆ ବଜାରଠାରେ ଜନଗହଳି କୁ ରୋକିବା ପାଇଁ ବାଲିଆପାଳ ଥାନା ଅଧିକାରୀ ବ୍ରହ୍ମାନନ୍ଦ ସ୍ୱାଇଁ ଙ୍କ ନେତୃତ୍ୱରେ ପୋଲିସ ର ଟିମ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସାଧାରଣ ଲୋକ ରାସ୍ତା ଉପରେ ସାଇକେଲ, ଗାଡ଼ି ରଖିଥିବା ରୁ ଏଭଳି ଟ୍ରାଫିକ ସମସ୍ୟା ଦେଖାଦେଉଛି ବୋଲି ବ୍ରହ୍ମାନନ୍ଦ ସ୍ୱାଇଁ କହିବା ସହିତ ଆଗାମୀ ଦିନରେ ଅମାନିଆ କୁ ସାବାଡ କରାଯିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। କିନ୍ତୁ ସିମୁଳିଆ ମାର୍କେଟ ରେ ପାର୍କିଙ୍ଗ ବ୍ୟବସ୍ଥା ନଥିବାରୁ ଗାଡି ରଖିବା ପାଇଁ କୌଣସି ବ୍ୟବସ୍ଥା ନାହିଁ ଲୋକେ ନାହିଁ ନଥିବା ଅସୁବିଧା ହେଉଛନ୍ତି ସ୍ଥାନୀୟ ପ୍ରଶାସନ ପାର୍କିଙ୍ଗ ବ୍ୟବସ୍ଥା କରିବାପାଇଁ ମିଡ଼ିଆ ଫୋରମ ବାଲିଆପାଳ ପକ୍ଷରୁ ଦାବି କରିଛନ୍ତି ।

# ସେୟାର ମାର୍କେଟ୍ ଉପରେ ବଜେଟ୍ ମାଡ଼: ନିବେଶକଙ୍କୁ ଲାଗିଲା ବଡ଼ ଝଟ୍କା



ନୂଆଦିଲ୍ଲୀ, ୨/୨ : ଗତକାଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ ଘୋଷଣା କରୁଥିଲେ । ବଜେଟକୁ ଆଖି ଆଗରେ ରଖି ଛୁଟି ଦିନରେ ମଧ୍ୟ ସେୟାର ମାର୍କେଟକୁ ଖୋଲା ରଖାଯାଇଥିଲା । ବଜେଟ ଘୋଷଣା ଆରମ୍ଭରୁ ସେୟାର ମାର୍କେଟ ମଧ୍ୟ ଅପ ଟ୍ରେଣ୍ଡରେ ଚାଲୁଥିଲା । ହେଲେ କିଛି ସମୟ ପରେ ହଠାତ ସେୟାର ବଜାର କ୍ରାସ୍ କରିବା ସ୍ଥିତି ଉପୁଜିଥିଲା । ନିଫ୍ଟି ହେଉ କି ବ୍ୟାଙ୍କ ନିଫ୍ଟି, ସେନସେକ୍ସ ହେଉ ଅବା ଫିନ୍ ନିଫ୍ଟି, ସମସ୍ତ ଇଣ୍ଡେକ୍ସ ଦ୍ରୁତ ଗତିରେ ତଳମୁହାଁ ହୋଇଯାଇଥିଲା । ବଜେଟ ପାଇଁ ସେୟାର ମାର୍କେଟ୍ ଉପରକୁ ଯିବ ବୋଲି ଆଶା କରି ଯେଉଁ ନିବେଶକମାନେ ଟଙ୍କା ନିବେଶ କରିଥିଲେ, ସେମାନଙ୍କର ଆଖି ପିଛୁଳାକେ ଲକ୍ଷଲକ୍ଷ ଟଙ୍କା ବୁଡ଼ି ଯାଇଥିଲା । ଚଳିତ ବଜେଟରେ ନିବେଶକମାନେ ଯେଉଁ ଆଶା ଆକାଂକ୍ଷା ନେଇ ନିବେଶ କରିଥିଲେ ସେହି ଅନୁସାରେ ଲାଭ ପାଇନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବଜେଟରେ କିଛି ନିର୍ଦ୍ଦିଷ୍ଟ ସେକ୍ଟର ପାଇଁ ଅନେକ ବଡ ବଡ ଘୋଷଣା ହୋଇଛି। ସେସବୁରେ ନିବେଶ କଲେ, ଆଗାମୀ ଦିନରେ ନିବେଶକ ଲାଭ ପାଇ ପାରିବେ ବୋଲି ବିଶେଷଜ୍ଞ ମତ ରଖିଛନ୍ତି । ବିଶେଷକରି ମାନୁଫାକ୍ଚରିଂ ସେକ୍ଟର, ଏମଏସଏମଇ, ଅଟୋମୋବାଇଲ, ଇନସ୍ୟୁରାନ୍ସ ଓ ଗ୍ରୀନ ଏନର୍ଜୀ ସେକ୍ଟର ନିବେଶକଙ୍କୁ ଲାଭ ଦେବ ବୋଲି ଆକଳନ କରାଯାଉଛି । ଏହାରି ଭିତରେ ମହଙ୍ଗା ମାଡ, ଉଚ୍ଚ ସୁଧ ହାର, ଫରେନ ଇନଷ୍ଟିଚ୍ୟୁସନାଲ ଇନଭେଷ୍ଟର ଭାରତୀୟ ବଜାରରୁ ମୁହଁ ଫେରାଇବା, ଯୁଦ୍ଧ ପାଇଁ ଗ୍ଲୋବାଲ ଟେନସନ ପ୍ରମୁଖ କାରଣ ପାଇଁ ସେୟାର ମାର୍କେଟ ଏକ ପ୍ରକାର ମାନ୍ଦାବସ୍ଥା ଦେଇ ଗତି କରୁଛି । ଆଗାମୀ ଦିନରେ ସ୍ଥିତିରେ ସୁଧାର ଆସିବ ବୋଲି ଆକଳନ କରାଯାଉଛି ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳିତ



ରୂପସା , ୨/୨ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର କରିଷ୍ଠ ଯୋଗସାଧକ ଯୋଗୀ ପରମାନନ୍ଦ ମୁନିଜୀଙ୍କ କନିଷ୍ଠା କନ୍ୟା ଆୟୁଷ୍ମତୀ ମୁନିମତୀ ସନ୍ତୋଷିନୀ ବାରିକଙ୍କ ୪୪ତମ ଶୁଭ ଜନ୍ମଦିନ, ଆଶ୍ରମର ଯୋଗ ଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିଶ୍ରୀ ମହୋଦୟାଙ୍କ ପୌରହିତ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି। ଉପସ୍ଥିତଥିଲେ, ମୁନିରାଜ୍ଞୀ ବିମଳାଲେଙ୍କା, ସୁମତୀଦଳାଇ, ମୁନିମତୀ ସରସ୍ୱତୀ ନନ୍ଦ, ମୁନି ଶଶଧର ସେନାପତି, ସତ୍ୟ ସେନାପତି, ମୁନିମତୀ ଜାହ୍ନବୀ ଗିରି, ବାସନ୍ତୀ ପରିଡା, ଜୟସ୍ମିତା ଗିରି,ଉର୍ମିଳା ପଣ୍ଡା, ମୁନିକୁମାରୀ ମିନତୀ ଦଳାଇ ପ୍ରମୁଖ।ପ୍ରଥମେ ସମୂହ ପ୍ରଣବ, ଶୁଭଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ, ଆୟୁଷ୍ମତୀ ସନ୍ତୋଷିନୀଙ୍କୁ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଜୀବନର ଶୁଭ ସମୂହ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ଯମ ନିୟମ ପାଳନ କରି ଜଣେ ମୁନି ସମାଜର ଯୋଗ ସାଧନ ପ୍ରତି ଦିନ ନିୟମିତ କରିଚାଲିଲେ, ନରୋଗ ନିରାମୟ ଆନନ୍ଦମୟ ଜୀବନ ସହିତ ତା ପାଖରେ ଆବଶ୍ୟକୀୟ ସମସ୍ତ ଭୌତିକ ପଦାର୍ଥ ଆପେ ଆପେ ଆସି ପହଞ୍ଚିଯିବ ବୋଲି ସମସ୍ତ ବକ୍ତାମାନେ ପ୍ରକାଶ କରିଥିଲେ । ଶେଷରେ ପିତା ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରି, ଏକାମ୍ର ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida